ସକାଳ
THE SAKALA



# ସମୀରଙ୍କୁ ଅଡୁଆ ଗେରୁଆ ରଙ୍ଗ!

## ଚର୍ଚ୍ଚାରେ ଦେବସ୍ନାନ ପୂର୍ଣ୍ଣିମା ଶୁଭେଚ୍ଛା ବାର୍ତ୍ତା

ପୁରୀ,୧୨।୬(ସମିସ): ନିମାପଡ଼ା ଭାଇନା (ସମୀର ରଞ୍ଜନ ଦାଶ) ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାରେ। ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ାର ଅପା (ପ୍ରଭାତୀ ପରିଡ଼ା)ଙ୍କୁ ନିଶାନା କରି ଏବେ ଗଣମାଧ୍ୟମର ପ୍ରମୁଖ ଶିରୋନାମା ପାଲଟିଛନ୍ତି। ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ଅଙ୍ଗୁଳି ଉଠାଇ ପରୋକ୍ଷରେ ସେ ବିଜେପି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସମୀର ଓ ପ୍ରଭାତୀଙ୍କ ଭିତରେ ତୁ ତୁ ମେଁ ମେଁ ଜାରି ରହିଥିବା ବେଳେ ଏବେ ଭାଇନାଙ୍କ ଏକ ଶୁଭେଚ୍ଛା ବାର୍ତ୍ତାକୁ ନେଇ ସବୁଠି ବେଶ୍ ଚର୍ଚ୍ଚା। ସମୀର ତାଙ୍କ ଫେସବୁକ ପେଜ୍‌ରେ ଦେବସ୍ନାନ ପୂର୍ଣ୍ଣିମା ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ହେଲେ ପୋଷ୍ଟିଂର ରଙ୍ଗ ଏବେ ଆଲୋଚନାକୁ ଖୋରାକ୍ ଯୋଗାଇଛି। କଳା ରଙ୍ଗ ଉପରେ ବାର୍ତ୍ତା ଏବଂ ଫଟୋ ସ୍ଥାନିତ ହୋଇଥିବାରୁ ସମୀରଙ୍କୁ କ'ଣ ଗେରୁଆ ଆଉ ଭଲ ଲାଗୁନି ବୋଲି ଚର୍ଚ୍ଚା ହେଉଛି।



ନିକଟରେ ବିଜେପିର ବର୍ଷପୂର୍ତ୍ତି ଅବସରରେ ସମୀର ବିସ୍ଫୋରକ ବୟାନ ଦେଇଥିଲେ। ବର୍ଷେ ହେବ ନିମାପଡ଼ାରେ ଗାଣ୍ଡୁଏ ମାଟି ପଡିନାହିଁ ବୋଲି କହିବା ସହ ପିସି କାରବାର ବଢିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ଉପରେ ବର୍ଷିଥିଲେ। ସେ ଯାହା ବି ପ୍ରକଳ୍ପର ଶୁଭ ଦେଉଛନ୍ତି ତାହା ପୂର୍ବ ବିଜେଡି ସରକାର ସମୟରେ ମଞ୍ଜୁର ହୋଇଥିବା ଅନୁଦାନ ବୋଲି କହି କଟାକ୍ଷ କରିଥିଲେ। ଏପରି କି, ଆମେ ୫୦ରୁ ୫୫ ହଜାର ଭୋଟ ଦେଲୁ ବୋଲି ସେ ଜିତିଲେ। ନିମାପଡ଼ା ପ୍ରତି ସେ ଦୟା ଦେଖାଉନାହାନ୍ତି, ତାଙ୍କର କର୍ତ୍ତବ୍ୟ ହେଉଛି ସେ କାମ କରିବେ। ଏମିତି କହି ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ। ପ୍ରଭାତୀ ମଧ୍ୟ ସମୀରଙ୍କୁ ଜବାବ ଦେଇଥିଲେ। ଏହାରି ଭିତରେ ସମୀର ଦେବସ୍ନାନ ପୂର୍ଣ୍ଣିମା ଶୁଭେଚ୍ଛା ବାର୍ତ୍ତାର ପୋଷ୍ଟିଂର ରଙ୍ଗକୁ ନେଇ ଆଲୋଚନା। ସମୀରଙ୍କୁ କ'ଣ ଆଉ ଗେରୁଆ ରଙ୍ଗ ଭଲ ଲାଗୁନି କି ବୋଲି ଚର୍ଚ୍ଚା ଜୋର୍ ଧରିଛି।

## ବର୍ଷେ ପୂରିଲା; ପ୍ରତିଶ୍ରୁତି କୁଆଡ଼େ ଗଲା

# ଭତ୍ତା ଟଙ୍କା ବୃଦ୍ଧି ପାଇଁ ବିଜେଡିର ଗଣଧାରଣା

ବ୍ରହ୍ମଗିରି,୧୨।୬(ସମିସ):

ଗୁରୁବାର ବ୍ରହ୍ମଗିରି ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମଗିରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଭତ୍ତା ଟଙ୍କା ବୃଦ୍ଧି ଦାବିରେ ଗଣଧାରଣା ଦିଆଯାଇଛି। ବ୍ରହ୍ମଗିରି ବ୍ଲକ୍ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଛି। ରାଜ୍ୟରେ ଡବଲ ଇଞ୍ଜିନ୍ ବିଜେପି ସରକାର ଆଜି ଏକବର୍ଷ ପୂର୍ତ୍ତି ପାଳନ କରୁଛି। ଏପରିକି ନିର୍ବାଚନ ଇସ୍ତାହାରରେ ରଖିଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ଏ ମିଛୁଆ ସରକାର। ସରକାରଙ୍କ ଦାବି ଓ ବାସ୍ତବତା ଭିତରେ ଆକାଶ ପାତାଳ ଫରକ ଅଛି। ଉତ୍ତମ ବିତ୍ତୀୟ ପରିଚାଳନା, ଶୃଙ୍ଖଳିତ ପ୍ରଶାସନ, ନିୟନ୍ତ୍ରଣାଧୀନ ଆଇନଶୃଙ୍ଖଳା ଏବଂ ବିକାଶ କାର୍ଯ୍ୟକୁ ଗତି ନ ଦେବାରେ ବିଫଳ ହୋଇଛି ଏ ସରକାର। ଏ ବିଜେପି ସରକାର ଭତ୍ତା କ୍ଷେତ୍ରରେ କେବଳ ୮୦ ବର୍ଷରୁ ଅଧିକ ଏବଂ ୮୦% ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ପ୍ରଦାନ କରି ଅନ୍ୟମାନଙ୍କୁ ସରକାର ପ୍ରତାରିତ କରିଛନ୍ତି ବୋଲି ବିଜୁ ଜନତା ଦଳ ସଭାପତି ଶ୍ରୀ ସ୍ୱାଇଁ କହିଛନ୍ତି।



ବିଜେପି ସରକାରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଅନାହାର ମୃତ୍ୟୁ, ପୋଲାଭରମ୍, ମହାନଦୀ, ଓବିସି ସଂରକ୍ଷଣ, ମଦମୃତ୍ୟୁ, ବାଟବଣା ତଦନ୍ତ ରିପୋର୍ଟ ପରି ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରିଛନ୍ତି ବ୍ରହ୍ମଗିରି ବ୍ଲକ୍ ବିଜୁ ମହିଳା ନେତ୍ରୀ ମାନସୀ ହରିଚନ୍ଦନ। ଧାନର ଇନ୍‌ପୁଟ୍ ସହାୟତା ବାବଦରେ ୮୦୦ ଟଙ୍କା ଦେଉଥିଲେ ହେଁ ୮ କିଲୋରୁ ୧୦ କିଲୋ କଟ୍‌ନି ଛଟ୍‌ନି ଓ ମଣ୍ଡିରୁ ଧାନ ନ ଉଠେଇବା ଏବଂ ମିଲରଙ୍କ ମାନମାନୀ ଯୋଗୁଁ ବ୍ରହ୍ମଗିରି ଚାଷୀକୂଳ ଏକପ୍ରକାର ଅସହାୟ ହୋଇପଡ଼ିଛନ୍ତି। ପୁନଶ୍ଚ ନିର୍ବାଚନ ପୂର୍ବରୁ ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରତିଶ୍ରୁତି ଫମ୍ପା ଘୋଷଣାରେ ପରିଣତ ହୋଇଛି। ବ୍ରହ୍ମଗିରି ବ୍ଲକ୍‌ରେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି ପ୍ରଶାସନିକ ସ୍ଥାଣୁତା। ଫଳସ୍ୱରୂପ ବ୍ରହ୍ମଗିରି ବ୍ଲକ୍ ତୃଣମୂଳସ୍ତରରେ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇପଡ଼ିଛି। ଏହି ଗଣଧାରଣା କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା, ଭଗବାନ ନାୟକ, ବାଳକୃଷ୍ଣ ପେଣ୍ଠୋଇ, ନବକିଶୋର ଷଣ୍ଢ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଯୁଧିଷ୍ଠିର ନାୟକ, ବିଜୟ ଦଳେଇ, ପ୍ରତିମା ଜେନା, ନନ୍ଦ କିଶୋର ବିଶ୍ୱାଳ, ସର୍ବେଶ୍ୱର ପଳାଇ, ଅମୂଲ୍ୟ ଜେନା, ଯୁବ, ଛାତ୍ର ଓ ମହିଳାଙ୍କ ସମତେ ବିଜୁ ଜନତା ଦଳର କର୍ମୀ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।

# ନାବାଳିକାର ଝୁଲନ୍ତା ମୃତଦେହ ଉଦ୍ଧାର

ଅସ୍ତରଙ୍ଗ,୧୨।୬(ସମିସ): ଅସ୍ତରଙ୍ଗ ବ୍ଲକ୍ ମାଣ୍ଡୁକି ପଞ୍ଚାୟତ ସାଏଙ୍ଗ ଗ୍ରାମରେ ଜନୈକା ଯୁକ୍ତ ୨ ନାବାଳିକା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହା ପ୍ରେମବ୍ୟାପାର ବୋଲି ସନ୍ଦେହ କରାଯାଉଛି। ସୂଚନା ମୁତାବକ, ଛାତ୍ରୀ ଜଣକ ରତନପୁର କଲେଜରେ +୨ରେ ପାଠ ପଢୁଥିବାବେଳେ ଅସ୍ତରଙ୍ଗ ବ୍ଲକ୍ ରାଇକଣା ଗ୍ରାମର ଜଣେ ଯୁବକ ରିଙ୍କୁ ସ୍ୱାଇଁଙ୍କ ସହ ପ୍ରେମ ସମ୍ପର୍କରେ ରହିଥିଲେ। ଦୁହିଁଙ୍କ ଭିତରେ କିଛି ଅପ୍ରୀତିକର ଘଟଣା ଘଟିଥିବା ପରିବାର ଲୋକଙ୍କ ତରଫରୁ ଜଣାପଡ଼ିଛି। ଏହି ଘଟଣାକୁ କେନ୍ଦ୍ରକରି ବୁଧବାର ଛାତ୍ରୀ ଜଣକ ଘର ଭିତରେ ଲୁଗାକୁ ବେକରେ ବାନ୍ଧି ଝୁଲିପଡ଼ିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ■ ଯୁବ କଂଗ୍ରେସ କର୍ମୀଙ୍କ ନାମରେ ମିଥ୍ୟା ମାମଲା

# ପ୍ରତ୍ୟାହାର ଦାବିରେ ଥାନା ସମ୍ମୁଖରେ ଧାରଣା

ନିମାପଡ଼ା,୧୨।୬(ସମିସ): ଜଣେ ଯୁବ କଂଗ୍ରେସ କର୍ମୀ ନାମରେ ପୁଲିସ କରିଥିବା ମିଥ୍ୟା ମାମଲାର ପ୍ରତ୍ୟାହାର ଦାବିରେ କଂଗ୍ରେସ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଛି।

ପ୍ରକାଶ ଥାଉକି, ଗତ ୫ ତାରିଖରେ ଉତ୍କର୍ଷ ନିମାପଡ଼ା-୨୦୨୫ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଆସୁଥିବା ସମୟରେ ନିମାପଡ଼ାରେ କିଛି ଯୁବ କଂଗ୍ରେସ କର୍ମୀ ସାଂସଦ ଡ. ପାତ୍ରଙ୍କ ଗାଡ଼ି ସମ୍ମୁଖକୁ ଯାଇ କଳା ପତାକା ପ୍ରଦର୍ଶନ କରିଥିଲେ। ସେହି ଦିନ ରାତିରେ ପୁଲିସ ଜଣେ ଯୁବ କଂଗ୍ରେସ କର୍ମୀଙ୍କୁ ଉଠାଇ ଆଣି ତାଙ୍କ ବିରୋଧରେ ଏକ ସଙ୍ଗିନ ମାମଲା ରୁଜୁ କରି ଜେଲ୍ ହାଜତକୁ ପଠାଇ ଦେଇଛି। ଏନେଇ



ନିମାପଡ଼ା କଂଗ୍ରେସ ପକ୍ଷରୁ ଜିଲ୍ଲା ସଂଯୋଜକ ରାଜେଶ ମିଶ୍ର ଓ ବ୍ଲକ୍ ସଂଯୋଜକ କାଳନ୍ଦୀ ବାରିକଙ୍କ ନେତୃତ୍ୱରେ ଗୁରୁବାର ଶତାଧିକ କଂଗ୍ରେସ କର୍ମୀ ଦଳୀୟ କାର୍ଯ୍ୟାଳୟରୁ ବାହାରି ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେବା ସହ ଯୁବ କଂଗ୍ରେସ କର୍ମୀଙ୍କ ଉପରୁ ମିଥା ମାମଲା ପ୍ରତ୍ୟାହାର କରାଯାଉ ବୋଲି ନାରା ଦେଇଛନ୍ତି। ବରିଷ୍ଠ କର୍ମୀ ଗୋବିନ୍ଦ ମଲ୍ଲିକ, ପୁପୁନି ବସ୍ତିଆ, ଦେବେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଜେନା, ରଘୁନାଥ ବେହେରା, ଅର୍ଜୁନ ସ୍ୱାଇଁ, ହରିହର ବେହେରା, ଦେବଦତ୍ତ ପାତ୍ର, ସୁବାସ ମଲ୍ଲିକ, ନରେନ୍ଦ୍ର ବେହେରା, ବିପିନ ବେହେରା, ଦିଲ୍ଲୀପ ବିଶ୍ୱାଳ, ମଙ୍ଗି ଖାଁ, ନବ ମଲ୍ଲିକ, ଅକ୍ଷୟ ବିଶ୍ୱାଳ, ରମେଶ ମଲ୍ଲିକ, ପ୍ରଦୀପ୍ତ ମହାନ୍ତି, ଜଗନ୍ନାଥ ମହାପାତ୍ର, ନାରୀନେତ୍ରୀ ସୋନାଲି ବିଶ୍ୱାଳ, ରେଣୁବାଳା ମାଝୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଆଇଆଇସି ବାମଦେବ ସ୍ୱାଇଁ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କଠାରୁ ଏକ ଦାବିପତ୍ର ଗ୍ରହଣ କରିଥିଲେ। ପରେ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ଶ୍ରୀ ସ୍ୱାଇଁ ଏବଂ କଂଗ୍ରେସର ଏକ ପ୍ରତିନିଧି ଦଳ ସହିତ ଦୀର୍ଘ ସମୟ ଆଲୋଚନା ପରେ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ ଶ୍ରୀ ପାଢ଼ୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ବାଧା; ୧୩ ଜଣଙ୍କ ନାଁରେ ମାମଲା

ଅସ୍ତରଙ୍ଗ,୧୨।୬(ସମିସ): ପାଟଳଦା ପଞ୍ଚାୟତ କୁସୁମ୍ବର ମୌଜା ବରଡ଼ିର ସଞ୍ଜୟ ମହାପାତ୍ରଙ୍କୁ ଜବରଦଖଲରୁ ହଟାଇବାକୁ ଉଦ୍ୟମବେଳେ ଗ୍ରାମବାସୀଙ୍କ ପକ୍ଷରୁ କେତେକ ଲୋକ ଏହାକୁ ବିରୋଧ କରିଛନ୍ତି। ୭ ଦିନ ମହଲତ ନେବାରୁ ଉଚ୍ଛେଦ ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରହିଛି। ଫଳରେ ସରକାରୀ କାର୍ଯ୍ୟରେ ବାଧାପ୍ରାପ୍ତ ହେବାରୁ ଏବେ ଅସ୍ତରଙ୍ଗ ଅତିରିକ୍ତ ତହସିଲ୍‌ଦାର ପ୍ରସାଦ ପଣ୍ଡାଙ୍କ ଅଭିଯୋଗ କ୍ରମେ ଅସ୍ତରଙ୍ଗ ଥାନାରେ ସ୍ଥାନୀୟ ଲୋକଙ୍କ ମଧ୍ୟରୁ ୧୩ ଜଣଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ସେମାନେ ହେଲେ ସଞ୍ଜୟ ମହାପାତ୍ର, ଯଶୋବନ୍ତ ନାୟକ, ବିଚୁଲତା ମହାପାତ୍ର, ନୀଳେନ୍ଦ୍ରି ମହାପାତ୍ର, କଳ୍ପନା ନାୟକ, ସଂଯୁକ୍ତା ନାୟକ, ପ୍ରମିଳା ନାୟକ, ସୁଲୋଚନା ନାୟକ, ସବିତା ନାୟକ, ସନ୍ଧ୍ୟାରାଣୀ ମହାପାତ୍ର, ସୁକାନ୍ତି ମହାପାତ୍ର, ଲିଳିମା ମଞ୍ଜରୀ ମହାପାତ୍ର ଓ ମିନାକ୍ଷୀ ନାୟକ। ପ୍ରକାଶ ଥାଉକି, ଗତ ୬ ତାରିଖ ପୂର୍ବାହ୍ଣରେ ଅସ୍ତରଙ୍ଗ ତହସିଲ୍ ପ୍ରଶାସନ, ପୁଲିସ୍ ଫୋର୍ସ ଓ ଅସ୍ତରଙ୍ଗ ଥାନାର କର୍ମଚାରୀମାନେ କୁସୁମ୍ବର ମୌଜା ସାମିଲ୍ ବରଡ଼ିରେ ଖାତା ନଂ ୨୫୫, ପ୍ଲଟ୍ ନଂ ୧୫୧, କିସମ ଗ୍ରାମ୍ୟ ଜଙ୍ଗଲ ଉପରୁ ଉଚ୍ଛେଦ ପାଇଁ ସ୍ଥିର ହୋଇଥିଲା। ଉଚ୍ଛେଦ ପାଇଁ ଉଦ୍ୟମବେଳେ ସ୍ଥାନୀୟ ଲୋକ ବାଧା ସୃଷ୍ଟି କରିବା ଦର୍ଶାଇ ତହସିଲ୍ ପ୍ରଶାସନ ଅଭିଯୋଗ କରିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଗଡ଼ିଆ ପାଲଟିଛି କାକଟପୁର-ବାଜପୁର ପୂର୍ତ୍ତ ବିଭାଗ ରାସ୍ତା

କୁଣ୍ଢେଇ,୧୨।୬(ସମିସ): ପୁରୀ ଜିଲ୍ଲା କାକଟପୁର ଜଗଜ୍ଜନନୀ ମା' ମଙ୍ଗଳାଙ୍କ ମନ୍ଦିରଠାରୁ ବାଜପୁର ଦେଇ କୁଣ୍ଢେଇ ୫ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତାସାରା ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାଟି କାକଟପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ୨/୩ ବର୍ଷ ପୂର୍ବେ ଏହି ରାସ୍ତାର ନବୀକରଣ ପାଇଁ ରାଜ୍ୟ ସରକାର ୧୪ କୋଟି ଟଙ୍କା ଅନୁଦାନ ରାଶି ଦେଇଥିଲେ। ଏହି ରାସ୍ତାରେ ହୋଇଥିବା ଗର୍ତ୍ତଗୁଡ଼ିକ ମରାମତି ହେଉନାହିଁ। ଫଳରେ ଠାଏ ଠାଏ ଗର୍ତ୍ତଗୁଡ଼ିକ ଦେଢ଼ରୁ ଦୁଇ ଫୁଟ୍ ହୋଇଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଉକ୍ତ ରାସ୍ତାରେ ଯାତାୟାତବେଳେ ଯାନବାହନଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲା ସହିତ ରାଜ୍ୟ ବାହାରରୁ ଆସୁଥିବା ଭକ୍ତମାନେ ମା'ଙ୍କୁ ଦର୍ଶନ କରିସାରିବା ପରେ କୋଣାର୍କ, ପୁରୀ ଯିବା ପାଇଁ ଏହି ରାସ୍ତାଟି ପ୍ରମୁଖ୍ୟ ରାସ୍ତା ହେବା ସହ ୧୦ଟି ପଞ୍ଚାୟତର ଜନସାଧାରଣ କାକଟପୁରରେ ଥିବା ବ୍ଲକ୍, ତହସିଲ୍, ମେଡିକାଲ, ଜମିବାଡ଼ି କିଣାବିକା ପାଇଁ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। ଏହା ସହିତ ବହୁ ସରକାରୀ ଓ ଘରୋଇ ସ୍କୁଲ, କଲେଜକୁ ଶହ ଶହ ଛାତ୍ରଛାତ୍ରୀ, ସାଧାରଣ ଲୋକ ପ୍ରତିଦିନ ଯିବାଆସିବା ନିମନ୍ତେ ନିର୍ଭର କରିଥା'ନ୍ତି। ଏପରିକି ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଛି। ବର୍ତ୍ତମାନ ଏହି ରାସ୍ତାର ବାଜପୁର ଗାଦି ବଜାର ଶିବ ମନ୍ଦିର ନିକଟରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଦୁର୍ଘଟଣା ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଗକୁ ରଥଯାତ୍ରା ଥିବାରୁ ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।



## ବିକଶିତ କୃଷି ସଂକଳ୍ପ ଅଭିଯାନ ପ୍ରହସନ

ଗମ୍ଭାରୀପଦା,୧୨।୬(ସମିସ): କାକଟପୁର ବ୍ଲକ୍ ଅନ୍ତର୍ଗତ ଅବଦାନ ଓ କଣ୍ଟାପଡ଼ା ଗ୍ରାମ ପଞ୍ଚାୟତରେ ବ୍ଲକ୍ କୃଷି ଅଧିକାରିଣୀ ଶାନ୍ତିଲତା ବେହେରାଙ୍କ ପୌରୋହିତ୍ୟରେ ସ୍ଥାନୀୟ କୃଷକମାନଙ୍କୁ ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲାର କୃଷି ବୈଜ୍ଞାନିକମାନେ ଉନ୍ନତ ପ୍ରଣାଳୀରେ ଅଧିକ ଅମଳଭିତ୍ତିକ ବିହନ ବ୍ୟବହାର ଉପରେ ଗୁରୁତ୍ୱ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷି ସମ୍ପର୍କିତ ଯୋଜନା ଉପରେ ଆଲୋକପାତ କରିଥିଲେ। ସରକାର କର୍ମଶାଳା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଥିଲେ ମଧ୍ୟ ସ୍ଥାନୀୟ ବ୍ଲକ୍ କୃଷି ବିଭାଗର ସଚେତନତାର ଅଭାବ, ନିଜ କର୍ତ୍ତବ୍ୟ ପ୍ରତି ବିମୁଖତା, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ରାଜନୈତିକ ପାତର ଅନ୍ତରତା ଯୋଗୁଁ କାର୍ଯ୍ୟକ୍ରମରେ ଆଶାନୁରୂପେ ଚାଷୀମାନେ ଯୋଗଦେଇଥିଲେ। ମାତ୍ର ୨୦ ଟଙ୍କାର ପୁଡ଼ିଆ କରାଉଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। କୃଷି ସମ୍ପର୍କିତ କୌଣସି ସୂଚନା ସମ୍ପର୍କରେ ଆମ୍ଭେମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିବା କେତେକ ଅଗ୍ରଣୀ ଚାଷୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଛତୁଚାଷ ପ୍ରଶିକ୍ଷଣ ଶିବିର

ଚାରିଛକ,୧୨।୬(ସମିସ): ନିମାପଡ଼ା ବ୍ଲକ୍‌ର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଛତୁଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱରସ୍ଥିତ ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର ଅଦ୍ୱୈତ୍ୟ କୁମାର ପାତ୍ର ଯୋଗଦେଇ ଛତୁଚାଷ ସମ୍ପର୍କରେ ମହିଳା ସଂଘର ସଦସ୍ୟା ଓ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଜଣେ ସଫଳ ଛତୁଚାଷୀ ଲକ୍ଷ୍ମୀକାନ୍ତ ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ରାଧାକୃଷ୍ଣ ମହିଳା ଗ୍ରୁପ୍, ମା' ଆଲାମଚଣ୍ଡୀ ମହିଳା ଗ୍ରୁପ୍, ମା' ସରସ୍ୱତୀ ମହିଳା ଗ୍ରୁପ୍, ମା' ଗଜଲକ୍ଷ୍ମୀ ମହିଳା ଗ୍ରୁପ୍ ଓ ଗାଦିବ୍ରହ୍ମ ମହିଳା ଗ୍ରୁପ୍‌କୁ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ



ମହାବିଦ୍ୟାଳୟର ଅଧ୍ୟାପିକା ଡ. ପୂର୍ଣ୍ଣିମା ମହାନ୍ତି, ମୁଖ୍ୟ ପ୍ରାଧ୍ୟାପିକା ମଧୁସ୍ମିତା ମହାପାତ୍ର, ଅଧ୍ୟାପିକା ମେନକା ନାୟକ, ଡେମୋନ୍‌ଷ୍ଟ୍ରେଟର ସବ୍ୟସାଚୀ ନାୟକଙ୍କ ସମେତ ମହିଳା ସଂଘର ସଦସ୍ୟା ଓ ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇଥିଲେ।

# ଡେଇଶିପୁର ସେବା ସମବାୟ ସମିତିରେ ମୁଗମଣ୍ଡି ଉଦ୍‌ଘାଟିତ

ପିପିଲି,୧୨।୬(ସମିସ): ପିପିଲି ବ୍ଲକ୍ ଅନ୍ତର୍ଗତ ଡେଇଶିପୁର ପ୍ରାଥମିକ ସେବା ସମବାୟ ସମିତିରେ ରବି ଋତୁ ପାଇଁ ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ, ସୋରିଷ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଛି। ଏହି ସେବା ସମବାୟ ସମିତିର ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବା ସମବାୟ ସମିତିର ସମ୍ପାଦକ ଅବକାଶ ପରିଡ଼ା, ମାନନିର୍ଦ୍ଧାରଣ ଅଧିକାରୀ ଜୟନ୍ତ କୁମାର ବସନ୍ତରାୟ, ସେବା ସମବାୟ ସମିତିର ନିର୍ଦ୍ଦେଶକ ଜିତେନ୍ଦ୍ର ବରାଳ, ନବକିଶୋର ନାୟକ, ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସର୍ବନିମ୍ନ ସହାୟକ ସରକାରୀ ମୂଲ୍ୟ ମୁଗ କ୍ୱିଣ୍ଟାଲ ପ୍ରତି ୮୬୮୨ ଟଙ୍କା ରହିଥିବାବେଳେ ପ୍ରଥମ ଦିନରେ ୩୫ କ୍ୱିଣ୍ଟାଲ କ୍ରୟ କରାଯାଇଥିବା ସମ୍ପାଦକ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।



# ଅଣସର ଫଳଭାର ପାଇଁ ପ୍ରାଚୀତଟ ଚଳଚଞ୍ଚଳ

ଚାରିଛକ,୧୨।୬(ସମିସ): ଶ୍ରୀମନ୍ଦିର ସୁନା କୂଅର ୧୦୮ ଗରା ସକଳ ତୀର୍ଥ ଜଳରେ ମହାସ୍ନାନ କରି ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଗୁପ୍ତ ସେବାରେ ଅଛନ୍ତି। ମହାପ୍ରଭୁଙ୍କ ଜ୍ୱର ଉପଚାର ପାଇଁ ବନୌଷଧୀ, ବନଫଳ ସଂଗ୍ରହରେ ଠାକୁରଙ୍କ ଆଦ୍ୟଲୀଳା କ୍ଷେତ୍ର ପ୍ରାଚୀତଟ ଚଳଚଞ୍ଚଳ ହୋଇଉଠିଛି। ପ୍ରାଚୀ ବନାଞ୍ଚଳ ଉଜୁଡ଼ି ଯାଇଥିବାରୁ ଭକ୍ତମାନେ ନିଜ ନିଜ ବାଡ଼ି ବଗିଚାର ସ୍ୱାଦିଷ୍ଟ ଫଳ, ବନୌଷଧୀ ଏକାଠି କରିବାରେ ଲାଗିଛନ୍ତି। ଆସନ୍ତା ୧୬ ତାରିଖରେ ଅଣସର ପଞ୍ଚମୀଦିନ ପ୍ରାତଃ ସମୟରେ ପ୍ରାଚୀତଟ ବିଶ୍ୱାମିତ୍ର ଋଷି ମଠରୁ ପ୍ରଥମ ଅଣସର ଫଳଭାର ନାମ ସଂକୀର୍ତ୍ତନ ସହ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିବ। ୧୮ ତାରିଖ ସପ୍ତମୀଦିନ ଦ୍ୱିତୀୟ ଅଣସର ଫଳ ସମ୍ଭାର ନବକଳେବର ତପସ୍ଥଳୀ ଦେଉଳୀ ମଠରୁ ଶ୍ରୀକ୍ଷେତ୍ର ଯିବ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁ ଘର ମାଧବ ପୀଠରୁ ଆସନ୍ତା ୨୧ ତାରିଖରେ ଅଣସର ଫଳଭାର ଶ୍ରୀକ୍ଷେତ୍ର ଯିବା ପାଇଁ ସ୍ଥିର ହୋଇଛି। ପୂର୍ବେ ପ୍ରାଚୀ ମଠ ମନ୍ଦିରରୁ ଏପରି ଅନେକ ଅମୁଣିଆ ଦ୍ରବ୍ୟ ଶ୍ରୀକ୍ଷେତ୍ର ଯିବା ବିଧି ରହିଥିଲା। ଧୀରେ ଧୀରେ ଏସବୁ ଦିବ୍ୟସେବା ଲୁପ୍ତ ହେବା ଦେଖି ଭକ୍ତ ଜୟଦେବଙ୍କ ବଂଶଦ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ପ୍ରଚେଷ୍ଟାରେ ୧୯୯୨ ମସିହାରୁ ଶ୍ରୀଜୟଦେବ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରା ତଥା ଅଣସର ଫଳଭାର ବିଧିର ପୁନଃ ପ୍ରଚଳିତ ହୋଇଆସୁଛି।

# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ପଥପ୍ରାନ୍ତ ସଭା

କଣାସ,୧୨।୬(ସମିସ): ରାଜ୍ୟ ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନ ବେସରକାରୀ ବିଦ୍ୟାଳୟରେ ୨୦୦୮ ଜୁନ୍ ୧ରୁ ୨୦୧୮ ଜୁନ୍ ୧ ତାରିଖ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ(ଜିଆଇଏ) ଦାବିରେ ଗୁରୁବାର ପୁରୀ ଜିଲ୍ଲା ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ସଂଯୋଜକ ନିଲୁ ନାୟକଙ୍କ ଅଧ୍ୟକ୍ଷତାରେ କଣାସଠାରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧ ବର୍ଷ ଧରି ନୂତନ ସରକାରଙ୍କୁ ବିଭିନ୍ନ ମଞ୍ଚରେ ଦାବି ଉପସ୍ଥାପନ କରାଯାଇଥିଲେ ମଧ୍ୟ ସରକାର ସଂଘର ଦାବିକୁ ଉପେକ୍ଷା କରୁଥିବାରୁ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ଗତ ୧ ତାରିଖରେ ଭୁବନେଶ୍ୱରଠାରେ ସାମ୍ବାଦିକ ସମ୍ମିଳନୀ କରି ସମସ୍ୟା ସମାଧାନ କରିବାକୁ ୯ ଦିନ ସମୟ ଦେଇଥିଲେ। ସମୟସୀମା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବାରୁ କଣାସଠାରୁ ପଥପ୍ରାନ୍ତ ସଭା ଆରମ୍ଭ କରାଯାଇଛି।

## ବିଳମ୍ବରେ ଆସୁଛନ୍ତି କର୍ମଚାରୀ

# ବ୍ଲକ୍ କାର୍ଯ୍ୟାଳୟ ଫାଟକରେ ତାଲା ପକାଇଲେ ଅଧ୍ୟକ୍ଷା

ଗୋପ,୧୨।୬(ସମିସ): ଗୋପ ବ୍ଲକ୍ କାର୍ଯ୍ୟାଳୟକୁ କର୍ମଚାରୀମାନେ ସଠିକ୍ ସମୟରେ ଆସୁ ନ ଥିବାରୁ ଜନସାଧାରଣ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଗୁରୁବାର ବ୍ଲକ୍ ଅଧ୍ୟକ୍ଷା ଝୁନୁ ମଲ୍ଲିକ ସରକାରୀ ଭାବେ ଧାର୍ଯ୍ୟ କରାଯାଇଥିବା ନିର୍ଦ୍ଧାରିତ ସମୟରେ ପହଞ୍ଚି କେତେକ ହାତଗଣତି କର୍ମଚାରୀଙ୍କୁ ଦେଖିବା ପରେ ବ୍ଲକ୍ ମୁଖ୍ୟ ଫାଟକରେ ତାଲା ପକାଇ ଜଗିରହିଥିଲେ। ବିଳମ୍ବରେ କେତେକ କର୍ମଚାରୀ ପହଞ୍ଚି ଗଳାବାଟ ଦେଇ ବ୍ଲକ୍ କାର୍ଯ୍ୟାଳୟରେ ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା। ଘଟଣାରୁ ପ୍ରକାଶ ଯେ, ରାଜ୍ୟ ବିଜେପି ସରକାରର ୧ ବର୍ଷ ପୂର୍ତ୍ତି ଅବସରରେ ଏକ ସଚେତନତା ରଥ ଗଡ଼ିବାର କାର୍ଯ୍ୟକ୍ରମ ରହିଥିବାବେଳେ ବ୍ଲକ୍ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଶ୍ରୀମତୀ ମଲ୍ଲିକ ବ୍ଲକ୍ କାର୍ଯ୍ୟାଳୟରେ ସକାଳ



୭.୪୦ରେ ପହଞ୍ଚିବା ପରେ କାର୍ଯ୍ୟାଳୟରେ କେତେକ ହାତଗଣତି କର୍ମଚାରୀଙ୍କୁ ଦେଖିବାକୁ ପାଇଥିଲେ। ପରେ ସେ ଜନସାଧାରଣଙ୍କୁ ସଠିକ୍ ସେବା ନିର୍ଦ୍ଧାରିତ ସମୟରେ ମିଳୁନଥିବା ଉପଲବ୍ଧି କରି ବ୍ଲକ୍ ମୁଖ୍ୟ ଫାଟକରେ ତାଲା ପକାଇ ଜଗି ରହିଥିଲେ। ପରେ କେତେକ କର୍ମଚାରୀ ଗଳାବାଟ ଦେଇ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଗୋପ ବ୍ଲକ୍‌ରେ ରାଜନୀତି ବେଶ୍ ସରଗରମ ହୋଇଥିବାବେଳେ ବିଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଅଧ୍ୟକ୍ଷା ଶ୍ରୀମତୀ ମଲ୍ଲିକଙ୍କୁ ପଚାରିବାରେ, ମୁଁ ଆଜି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବାବେଳକୁ କିଛି ହାତଗଣତି କର୍ମଚାରୀ ଉପସ୍ଥିତ ଥିଲେ। କର୍ମଚାରୀମାନଙ୍କୁ ସଠିକ୍ ସମୟରେ ଅଫିସ ଆସିବା ଲାଗି ମୁଁ ଏ ପଦକ୍ଷେପ ନେବାପରେ ବିଳମ୍ବରେ ଆସୁଥିବା କର୍ମଚାରୀ ଗଳାବାଟ ଦେଇ ଅଫିସ ଆସିଥିଲେ। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, ସଦାସର୍ବଦା କର୍ମଚାରୀମାନେ ସଠିକ୍ ସମୟରେ ଅଫିସ ଆସୁଛନ୍ତି। ମାତ୍ର ଆଜି ଏକ ସରକାରୀ କାର୍ଯ୍ୟକ୍ରମ ରହିଥିବାରୁ ସେଠାରେ କିଛି କର୍ମଚାରୀ ନିୟୋଜିତ ଥିଲେ। ଏହା ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ କରାଯାଇଛି। ଏହା ଭିତ୍ତିହୀନ, ଜନସାଧାରଣଙ୍କୁ ସଠିକ୍ ଭାବେ ସରକାରୀ ନିୟମ ମୁତାବକ ସେବା ପ୍ରଦାନ କରାଯାଉଛି ବୋଲି କହିଛନ୍ତି।

## ● ପିପିଲି ବ୍ଲକ୍‌ରେ ପ୍ରଶାସନିକ ଅବହେଳା

# ୭୫ ହଜାର ହିତାଧିକାରୀଙ୍କୁ ମିଳିନି ଆୟୁଷ୍ମାନ କାର୍ଡ

ପିପିଲି,୧୨।୬(ସମିସ):

ପ୍ରତି ରାସନ କାର୍ଡ ହିତାଧିକାରୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ଆୟୁଷ୍ମାନ କାର୍ଡ ଯୋଜନା ଆରମ୍ଭ କରିଛନ୍ତି। ପୂର୍ବ ସରକାରଙ୍କ ଅମଳରେ ଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡର ସମସ୍ତ ହିତାଧିକାରୀଙ୍କୁ ମଧ୍ୟ ଏହି ଯୋଜନାର ଲାଭ ମିଳିବ ବୋଲି କୁହାଗଲା। ହେଲେ ପିପିଲି ବ୍ଲକ୍‌ର ୭୫ହଜାର ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ଆୟୁଷ୍ମାନ କାର୍ଡ ମିଳିଲା ନାହିଁ। ଫଳରେ ବହୁ ଲୋକ ମାଗଣା ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି।

ସୂଚନା ମୁତାବକ, ପିପିଲି ବ୍ଲକ୍‌ରେ ୧ଲକ୍ଷ ୨୭ହଜାର ୭୮୭ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ୍ କରାଯାଇଛି। ସେଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫୫ହଜାର ୪୫୬ ଜଣଙ୍କର କାର୍ଡ ଆସିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ

## ମାଗଣା ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରୋଗୀ

୪୫୨୧ ଜଣଙ୍କର କାର୍ଡ ଆସିଥିଲା। ଏହିପରି ମୋଟ୍ ୫୯ ହଜାର ୯୭୭ ଜଣଙ୍କର କାର୍ଡ ଆସିଛି। ବୟୋ ବନ୍ଧନରେ ୨୫୮୩ ଜଣ ଆୟୁଷ୍ମାନ କାର୍ଡରୁ ବାଦ୍ ପଡ଼ିଛନ୍ତି। ଆଉ ୬୫ ହଜାର ୨୨୭ ଜଣଙ୍କର ଆୟୁଷ୍ମାନ କାର୍ଡ ସରକାର ଦେଇ ନ ଥିବାର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. କାଳୀ ପ୍ରସାଦ ମିଶ୍ର କହିଛନ୍ତି। କାର୍ଡ ବଣ୍ଟାଚାଲିଛି, ସେଥିରୁ ଆଉ ୧୦ ହଜାର କାର୍ଡ ବାଣ୍ଟିବାକୁ ରହିଛି। ଫଳରେ ଏହି ଯୋଜନାରୁ ୭୫ ହଜାର ଲୋକ ବଞ୍ଚିତ ହୋଇଛନ୍ତି। ଏ ନେଇ ପିପିଲି ବ୍ଲକ୍‌ରେ ଜନସାଧାରଣଙ୍କର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହା ସହିତ ଆୟୁଷ୍ମାନ କାର୍ଡର ତ୍ରୁଟି ଯୋଗୁଁ ବହୁ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଥିବାର କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ୨୬ଟି ଆୟୁଷ୍ମାନ କାର୍ଡରେ ତ୍ରୁଟି ଥିବାରୁ ଫେରି ଆସିଛି ଆଉ ଫେରିବାର ସମ୍ଭାବନା ମଧ୍ୟ ରହିଛି। ରାଜ୍ୟ ସରକାର ଏଥି ପ୍ରତି ଦୃଷ୍ଟି ଦେଇ ବାକି ଥିବା ୭୫ ହଜାର ଆୟୁଷ୍ମାନ କାର୍ଡକୁ ତୁରନ୍ତ ବଣ୍ଟନ କରିବା ପାଇଁ ଦାବି ହେଉଛି।

୧୨/୬/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୧୬,୫୧୦/- ସୁନା: ୦୦.୩୦୦ ଗ୍ରାମ୍ ରୁପା: ୧୩୩.୬୦୦ ଗ୍ରାମ୍



# ଚାଷୀଙ୍କୁ ମଣ୍ଡି ଯନ୍ତ୍ରଣା

- ମିଲରଙ୍କ ଦେଖାନାହିଁ; ମଣ୍ଡିରେ ପଡ଼ିଛି ଧାନ
- ଜିଲ୍ଲାପାଳଙ୍କୁ ଫେରାଦ୍ ହେଲେ ଚାଷୀ

**ପୁରୀ,୧୨।୬(ସମିସ):** ପୁରୀ ଜିଲ୍ଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। କେଉଁଠି ମିଲରଙ୍କ ଦେଖା ନାହିଁ ତ ପୁଣି କେଉଁଠି ମଣ୍ଡିରେ ଶହ ଶହ ଧାନବସ୍ତା ପଡ଼ିରହିଛି। ଟୋକନ୍ ପାଇଥିଲେ ବି ଚାଷୀ ଧାନ ଦେଇପାରୁ ନାହାନ୍ତି। ଅନେକ ଚାଷୀଙ୍କର ଟୋକନ ଅବଧି ସରିଯାଇଥିବା ବେଳେ ଆଉ କେତେଙ୍କର ୨/୩ ଦିନ ଭିତରେ ଶେଷ ହୋଇଯିବ। ଏ ନେଇ ଚାଷୀମାନେ ସମବାୟ ସମିତିକୁ ଅବଗତ କରାଇଲେ ବି ସେମାନେ ହାତ ଟେକି ଦେଉଛନ୍ତି। ମିଲର ଆସୁନାହାନ୍ତି, ଆମେ କ'ଣ କରିବୁ କହି ଦୂରେଇ ଯାଉଛନ୍ତି। ଏଭଳି ସ୍ଥିତିରେ ନିରୁପାୟ ହୋଇ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ଗୁରୁବାର ବ୍ରହ୍ମଗିରି ବ୍ଲକ କପିଳେଶ୍ୱରପୁର ଗ୍ରାମପଞ୍ଚାୟତର ବହୁ ଚାଷୀ ଧାନ ଦେଇପାରି ନ ଥିବା ନେଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ପରେ ସେମାନେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପାଖକୁ ଯାଇଥିଲେ। ସେମାନଙ୍କୁ ଦିଆଯାଇଥିବା ଆଶ୍ୱାସନା କେବେ ବାସ୍ତବତାର ରୂପ ନେବ ତାକୁ ନେଇ ସନ୍ଦେହରେ ଚାଷୀ। ଚାଷୀମାନେ କହିଛନ୍ତି, ସମବାୟ ସମିତି ମାଧ୍ୟମରେ ନାମ ପଞ୍ଜୀକରଣ କରିବା ପରେ ସେମାନଙ୍କୁ ଧାନ ବିକିବା ପାଇଁ ଟୋକନ ମିଳିଥିଲା। ଗତମାସ ୨୫ ତାରିଖରୁ ମିଲର ଧାନ କ୍ରୟ କରିଥିଲେ। ସମିତି ଚଳିତ ବର୍ଷ ପ୍ରାୟ ୪୦୦ରୁ ଅଧିକ ଚାଷୀଙ୍କଠାରୁ ୪,୯୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବା ଲାଗି ଅନୁମତି ପାଇଥିଲେ। ହେଲେ ସମ୍ପୃକ୍ତ ମିଲର ମାତ୍ର ୧୬୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବା ପରେ ଆଉ ଧାନ ନେଉ ନାହାନ୍ତି। ଫଳରେ ବହୁ ଚାଷୀ ଧାନ ବିକ୍ରି କରିବା ପାଇଁ ଚାହିଁ ରହିଛନ୍ତି। ଏବେ ବି ଚାଷୀଙ୍କଠାରୁ ୩୩୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇନାହିଁ। ବହୁ ଚାଷୀଙ୍କର ଟୋକେନ ଅବଧି ୨/୩ ଦିନ ଭିତରେ ସରିଯିବ। ତେଣୁ ଗୁରୁବାର ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏଥିସହ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ତାଙ୍କ ଅଭିଯୋଗ ରଖିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ଚାଷୀମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, ନୟାଗଡ଼ରୁ ମିଲରଙ୍କୁ ଡକାଯାଇଛି। ସେମାନେ ଆସିବା ପରେ ଧାନ ସଂଗ୍ରହ କରିବେ। ଯେଉଁମାନଙ୍କର ଟୋକନ ଅବଧି ସରିଯାଇଛି ସେମାନେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଯେପରି ଧାନ ବିକ୍ରି କରିପାରିବେ ତାଙ୍କୁ ନୂଆ ଟୋକନ ଦିଆଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହିଥିବା ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭାର ମୋହନ ନାଇକ୍ ସୂଚନା ଦେଇଛନ୍ତି। ନଚେତ୍ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି। ଜଗନ୍ନାଥ ସ୍ୱାଇଁ, ବଳରାମ ପ୍ରଧାନ, ନୀଳକଣ୍ଠେଶ୍ୱର ସାହୁ, ନକୁଳ ସାହୁ, ପ୍ରତାପ ଜେନା, ସୁରଥ ବରାଳ ପ୍ରମୁଖ ଚାଷୀ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ରଥଖଳାରୁ...

## ତିନିରଥରେ ବୁଲିଲା ଚଉଦ ନାହାକା



**ପୁରୀ,୧୨।୬(ସମିସ):** ଆଉ ମାତ୍ର ୧୪ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥଖଳାରେ ଦ୍ରୁତଗତିରେ ଆଗେଇ ଚାଲିଛି ବିଶ୍ୱନିୟନ୍ତାଙ୍କ ରଥ ନିର୍ମାଣ କାମ। ମହାରଣା, ଭୋଇ, ରୂପକାର, କମାର, କରତି ସେବକମାନେ ରଥ ନିର୍ମାଣ କାମକୁ ଆଗେଇ ନେଉଛନ୍ତି। ଗୁରୁବାର ତିନିରଥରେ ଚଉଦ ନାହାକା ବୁଲିଛି। ଅର୍ଥାତ୍ ଚଉଦ ନହାକା ଖମ୍ବିଗୁଡ଼ିକୁ ପ୍ରତି ରଥର ଚାରିନାହାକାଠାରୁ ଅଢ଼େଇ ଫୁଟ୍ ବ୍ୟବଧାନରେ ଚାରି ନାହାକା ଚତୁଃପାର୍ଶ୍ୱରେ ବୁଲିବା ସହ ପ୍ରଥମ ଭୂଇଁ ଛ' କାଠିରେ ପାଖୁଡ଼ା ସଂଯୋଗ ହୋଇ ପ୍ରଥମ ଭୂଇଁ ବା ମୂଳ ଭୂଇଁ ଫ୍ରେମ୍ ପଡ଼ିଛି। ଏଥିସହ ରଥ ଚାଲିରେ ତିନିରଥର ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ପ୍ରେମ ନିର୍ମାଣ ଶେଷ ହୋଇ ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କରାଯାଇଛି। ଶୁକ୍ରବାର ଏହି ଦ୍ୱିତୀୟ ଭୂଇଁ ଫ୍ରେମ୍ ଖୋଲାଯାଇ ତିନିରଥରେ ସଂଯୋଗ ସହ ତୃତୀୟ ଭୂଇଁ ବା ଅଗ ଭୂଇଁ ପ୍ରେମ ନିର୍ମାଣ ହେବ। ଏଥିସହ ପ୍ରତ୍ୟେକ ରଥର ଆଗ ଆଣି ପଛ ଆଣି ଦୁଇଟି ଲେଖାଏଁ କତରା ନିର୍ମାଣ ଶେଷ ପରେ ଗୁରୁବାର ତିନିରଥର ଦୁଇଟି ଲେଖାଏଁ ପଛ ଆଣି କତରା ସେଟିଂ ହୋଇଛି। ମହାରଣା ସେବକ ରୂପକାର ସେବକମାନଙ୍କୁ ଗୋଟିଏ ଗୋଟିଏ ଧୂଳି ଦଣ୍ଡା ଚଉପଟ ଶେଷ କରି ଯୋଗାଇ ଦେଇଛନ୍ତି। ରୂପକାର ସେବକମାନେ ସେଥିରେ ୫ଟି ଲେଖାଏଁ ପଦ୍ମ ଫୁଲ ଏବଂ ଦୁଇ ପାର୍ଶ୍ୱରେ ପଦ୍ମ କଢି ଚିତ୍ର ଅଙ୍କନ ଶେଷ କରି ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ମହାରଣା ସେବକମାନେ ତିନି ରଥର କନକ ମୁଣ୍ଡି, ଅଁଳା ପିଣ୍ଡି ଏବଂ କଳସ ପିଣ୍ଡି ନିର୍ମାଣ ଶେଷ କରିଛନ୍ତି। ରୂପକାର ସେବକ ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ସହ, ଧୂଳି ଦଣ୍ଡାରେ ଚିତ୍ର ଖୋଦେଇ ଜାରି ରଖିଛନ୍ତି। କମାର ସେବକମାନେ ଦ୍ୱିତୀୟ ଭୂଇଁ, ତୃତୀୟ ଭୂଇଁ କଣ୍ଟା ସହ, ପୋଟଳ ନଦା କଣ୍ଟା ନିର୍ମାଣ କରୁଛନ୍ତି। ପାହି ମହାରଣାମାନେ ଅଣସର ପାଇଁ ଅଣସର କୁଣ୍ଡ ଘୋଡ଼ିଆ ଏବଂ କାଠ, ବାଉଁଶ ସାମଗ୍ରୀ ଯୋଗାଇ ସାରି ଗୁଣ୍ଡିଚା ଘର ଗରୁଡ଼ ମହାପ୍ରଭୁଙ୍କ ସ୍ନାନ ଏବଂ ବେଶ କାର୍ଯ୍ୟ ପାଇଁ କାଠ ନିର୍ମିତ ନିଶୁଣି, ଠାକୁରଙ୍କ ବେଶ ପାଇଁ ବେଶ ଘୋଡ଼ିଆ ତିଆରି କରୁଛନ୍ତି।

## ଅଣସର ବିଧିରେ କମାର ସେବା

**ପୁରୀ,୧୨।୬(ସମିସ):** ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିବା ପରେ ଚତୁର୍ଦ୍ଧାବିଗ୍ରହ ଏବେ ଅଣସରକୁ ବିଜେ କରିଛନ୍ତି। ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଅଣସର ବିଧି। ଦଇତାପତି ସେବକମାନେ ବିଭିନ୍ନ ଉପଚାରରେ ଦାରୁଦିଅଁଙ୍କ ସେବା ଆରମ୍ଭ କରିଛନ୍ତି। ଏହି ସମୟରେ ଠାକୁରଙ୍କ ସେବାରେ କମାର ସେବକଙ୍କ ମଧ୍ୟ ଭୂମିକା ରହିଥାଏ। ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣାଙ୍କ ସୂଚନା ମୁତାବକ, ଶ୍ରୀବିଗ୍ରହଙ୍କ ଅଣସର ଗୁପ୍ତସେବା ପାଇଁ ଦୋଳବେଦୀ ପରିସରରେ ଏକ ଅସ୍ଥାୟୀ ଚାଞ୍ଚ ତିଆରି ଚାଲି ନିର୍ମାଣ କରାଯାଇଛି। ଏଥିରେ ସ୍ନାନ ପୂର୍ଣ୍ଣିମା ପରଦିନଠାରୁ ଚତୁର୍ଦ୍ଧାବିଗ୍ରହଙ୍କ ଗୁପ୍ତସେବା ଲାଗି ସହସ୍ର ଜିନିଷ ତିଆରି ହୁଏ। ଏହି ନିର୍ମାଣ ଖଲିଲାଗି ଏକାଦଶୀ ପୂର୍ବଦିନ ଶେଷ ହୁଏ। ଏହାପରେ ଖଲିଲାଗି ଏକାଦଶୀ ଦିନ ଏହି ସହସ୍ର ଜିନିଷ କମାର ସେବକ ଦଇତାପତିଙ୍କୁ ପ୍ରଦାନ କରିଥା'ନ୍ତି।

## ଉଜ୍ଜ୍ୱଳ ଆଲୋକମାଳାରେ ଝଲସିବ ଶ୍ରୀମନ୍ଦିର



**ପୁରୀ,୧୨।୬(ସମିସ):** ଉଜ୍ଜ୍ୱଳ ଆଲୋକରେ ଝଲସିବ ଶ୍ରୀମନ୍ଦିର। ଏଥିସହ ବେଢ଼ାରେ ଥିବା ପାର୍ଶ୍ୱ ମନ୍ଦିରଗୁଡ଼ିକୁ ମଧ୍ୟ ସୁନ୍ଦର ଭାବେ ଆଲୋକୀକରଣ କରାଯିବ। ଏଥିପାଇଁ ଏଏସ୍ଆଇ ସହାୟତାରେ ପଦକ୍ଷେପ ନିଆଯିବ। ଏ ନେଇ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଯନ୍ତ୍ରୀମାନେ, ଏଏସ୍ଆଇ ପୁରୀ ସର୍କଲ୍ କର୍ତ୍ତୃପକ୍ଷ ଏବଂ ଏହାର ଦିଲ୍ଲୀସ୍ଥିତ ସ୍ୱୀକୃତିପ୍ରାପ୍ତ ପରାମର୍ଶ ଅନୁଷ୍ଠାନର ପ୍ରତିନିଧି, ଶିଳ୍ପୀ ଭରଦ୍ୱାଜ ଉପସ୍ଥିତ ଥିଲେ। ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଐତିହ୍ୟ ପ୍ରକଳ୍ପ ସକାଶେ କରାଯାଇଥିବା ଆଲୋକୀକରଣ କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ସେହିପରି ପ୍ରସ୍ତାବିତ ଆଲୋକୀକରଣ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ପରାମର୍ଶ ଦିଆଯାଇଥିଲା। ଏଏସ୍ଆଇର ବୈଷୟିକ ପରାମର୍ଶ ଏବଂ ମାର୍ଗଦର୍ଶନରେ ବିସ୍ତୃତ ରୂପରେଖ ପ୍ରସ୍ତୁତି କରି ପରବର୍ତ୍ତୀ ସମୟରେ ଅନୁମୋଦନ ପାଇଁ ଉପସ୍ଥାପନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏ ନେଇ ଆବଶ୍ୟକୀୟ ଅନୁମତି ଗ୍ରହଣ କରାଯିବା ପରେ କାର୍ଯ୍ୟ ରୂପାୟଣ ସକାଶେ ସ୍ଥିର ହୋଇଛି।

**ଏଏସ୍ଆଇ ସହାୟତାରେ ପ୍ରସ୍ତୁତ ହେବ ଡିପିଆର୍**

## ଗୋଚର ଜମିର ସୁରକ୍ଷା ଦାବି କଲା ଗୋପାଳ ସମାଜ



**ଶ୍ରୀକ୍ଷେତ୍ର ଗୋ-ସମ୍ପଦ ସୁରକ୍ଷା ସମିତି ଗଠିତ**

**ପୁରୀ,୧୨।୬(ସମିସ):** ସମୟ ଥିଲା ପ୍ରତି ଗାଁ ଗଣ୍ଡାରେ ପର୍ଯ୍ୟାପ୍ତ ଗୋଚର ଜମି ଥିଲା। ଯେଉଁ ଜମିରେ ମୁକ୍ତ ଭାବେ ବିଚରଣ କରି ଗାଈଗୋରୁ ପର୍ଯ୍ୟାପ୍ତ ଘାସ ଚରୁଥିଲେ। ଏବେ ଗୋଚର ଜମିରେ ନିର୍ମାଣ ହେଲାଣି ପୋଖରୀ, ପାର୍କ, ବଡ଼ ବଡ଼ କୋଠା। ଅନେକ ଗୋଚର ଜମି ଜବରଦଖଲରେ। ଗାଈଗୋରୁଙ୍କ ଚରାବୁଲା ପାଇଁ ଗୋଚର ଜମିଗୁଡ଼ିକ ଏବେ ସରକାରୀ କାଗଜକଲମରେ ରହିଯାଇଛି। ଗୋଚର ଜମି ହ୍ରାସ ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଛି ଓଡ଼ିଶା ଗୋପାଳ ସମାଜ। ଗତ ରବିବାର ଚନ୍ଦନପୁରସ୍ଥିତ ପୋଲାଙ୍ଗ ତୋଟାରେ ଏକ ବୈଠକ କରାଯାଇ ଗୋଚର ଭୂମି ଓ ଗୋମାତାଙ୍କ ସୁରକ୍ଷା ସମେତ ଦୁଗ୍ଧ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଥିବା ଗୋଚର ତଥା ଚାରଣ ଜମିର ସୁରକ୍ଷା ପାଇଁ ସମସ୍ତେ ଦାବି ରଖିଥିଲେ। ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାରୁ ଶତାଧିକ ଗୋପାଳ ଭାଇମାନେ ବୈଠକରେ ଯୋଗଦେଇ ଗୋଚର ଜମିର ସୁରକ୍ଷା ପାଇଁ ଆନ୍ଦୋଳନ କରିବାକୁ ସ୍ଥିର କରିଛନ୍ତି। ରାଜ୍ୟ ସମ୍ପାଦକ ନାରାୟଣ ଡାଲୁଆ, ଉପସଭାପତି ମନୋଜ କୁମାର ଦାସ, ଜିଲ୍ଲା ଯାଦବ ମହାସଭାର ସଭାପତି ଗୋପାଳ ଚନ୍ଦ୍ର ବେହେରା, ସର୍ବଭାରତୀୟ ଯାଦବ ମହାସଭାର ଉପସଭାପତି ପ୍ରଫୁଲ୍ଲ ଦାସ, ଜିଲ୍ଲା ଗୋପାଳ ସମାଜ ସଭାପତି ନକୁଳ ଚନ୍ଦ୍ର ବେହେରା ଏବଂ ୧୮ ଦେଶ ଯାଦବ ମହାସଭାର ସଭାପତି ଗଙ୍ଗାଧର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋଚର ଜମିର ସୁରକ୍ଷାରେ ରାଜ୍ୟ ସରକାର ଅବହେଳା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ ମଧ୍ୟ ବୈଠକରେ ଦାବି କରାଯାଇଛି।

ଏହି ଅବସରରେ "ଶ୍ରୀକ୍ଷେତ୍ର ଗୋ-ସମ୍ପଦ ସୁରକ୍ଷା ସମିତି' ନାମରେ ଏକ ଜିଲ୍ଲାସ୍ତରୀୟ ସଂଗଠନ ଗଠନ କରାଯାଇଛି। ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ଅମ୍ବୁରୀ ଗ୍ରାମର ସଞ୍ଜୟ ବେହେରାଙ୍କୁ ସଂଗଠନର ସଭାପତି ଏବଂ କାଳିଆକେରା ଗ୍ରାମର ଚିତନ୍ ବେହେରାଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଛି। ପୁରୀ ଜିଲ୍ଲା ଯାଦବ ମହାସଭାର ସଭାପତି ଗୋପାଳ ଚନ୍ଦ୍ର ବେହେରା ଏହି ସଭାରେ ସଭାପତିତ୍ୱ କରିଥିଲେ। ଆସନ୍ତା ୨୨ ତାରିଖରେ ସେହି ସ୍ଥାନରେ ଏକ ବଡ଼ ଧରଣର ବୈଠକ ଆୟୋଜନ କରାଯାଇଛି। ସେଥିରେ ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ୍‌ର ଯାଦବ ଭାଇମାନେ ଯୋଗଦେବା ପାଇଁ ସମିତି ତରଫରୁ ଆହ୍ୱାନ ଦିଆଯାଇଛି।

**ସେବାୟତଙ୍କୁ ହତ୍ୟା ଘଟଣା**

## ହେମଦସ୍ତା ବାଡ଼ିରେ ବାଡ଼େଇ ହତ୍ୟା

**ପୁରୀ,୧୨।୬(ସମିସ):** ସ୍ନାନ ପୂର୍ଣ୍ଣିମାରେ ପୁରୀରେ ଜଣେ ସେବାୟତଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାର ଶିକାର ହୋଇଥିଲେ ଶ୍ରୀମନ୍ଦିରର ବରିଷ୍ଠ ସୁଆର ସେବକ ଜଗନ୍ନାଥ ଦୀକ୍ଷିତ୍। ଟାଉନ୍ ଥାନା ଅନ୍ତର୍ଗତ ଗୁଡ଼ିଆସାହି ରାବେଣୀ ଚୌରା ନାରାୟଣ ପାଟ୍ଟଯୋଶୀଙ୍କ ଘରେ ଘଟିଥିଲା ଏହି ହତ୍ୟାକାଣ୍ଡ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ୫୭ ବର୍ଷୀୟ ନାରାୟଣଙ୍କୁ ତାଙ୍କ ଶଶୁର ଘରୁ ଗିରଫ କରିଥିଲା। ତେବେ କାହିଁକି ନାରାୟଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ଜଗନ୍ନାଥଙ୍କୁ ହତ୍ୟା କଲେ ସେ ନେଇ ଗୁରୁବାର ସ୍ପଷ୍ଟ କରିଛି ଟାଉନ ଥାନା ପୁଲିସ। ହେମଦସ୍ତା ବାଡ଼ିରେ ବାଡ଼େଇ ହତ୍ୟା କରିଥିବା ପୁଲିସ ସ୍ପଷ୍ଟ କରିଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ନାରାୟଣ ଜଣେ ଅସାମାଜିକ ବ୍ୟକ୍ତି। ସେ ନିଶା ସେବନ କରନ୍ତି। ନିଶା ଖାଇ ପରିବାରରେ ଗଣ୍ଡଗୋଳ କରିଥାନ୍ତି। ଏଥିପାଇଁ ୭ ବର୍ଷ ହେବ ତାଙ୍କ ସ୍ତ୍ରୀ ଏବଂ ଏକମାତ୍ର ଝିଅ ବାହାରେ ରହୁଛନ୍ତି। ତାଙ୍କ ବୁଢ଼ୀ ମା' ଏବଂ ସାନ ଭାଇ ମଧ୍ୟ ଅଲଗା ରହୁଛନ୍ତି। ନାରାୟଣଙ୍କର ଗୌଡ଼ବାଡ଼ ସାହି ମାଛ ମାର୍କେଟ୍ ନିକଟରେ ଏକ ଛୋଟ ଜଳଖିଆ ଦୋକାନ ରହିଛି। ଆର୍ଥିକ ସଙ୍କଟରେ ପଡ଼ି ସେ ଜଗନ୍ନାଥଙ୍କଠାରୁ କିଛି ଟଙ୍କା କରଜ ଆଣିଥିଲେ। ହେଲେ ଜଗନ୍ନାଥ ବାରମ୍ବାର ଟଙ୍କା ମାଗୁଥିଲେ ମଧ୍ୟ ସେ ଫେରାଉ ନ ଥିଲେ। ତେଣୁ ଅବିବାହିତ ଜଗନ୍ନାଥଙ୍କୁ ହତ୍ୟା ଯୋଜନା କରିଥିଲେ ନାରାୟଣ। ବୁଧବାର ହାଟମୁଣ୍ଡ ଛକରେ ଜଗନ୍ନାଥଙ୍କୁ ଏକୁଟିଆ ଦେଖି ଟଙ୍କା ଫେରାଇବେ କହି ଘରକୁ ଡାକି ନେଇଥିଲେ। ଜଗନ୍ନାଥ ନାରାୟଣଙ୍କ ଡ୍ରଇଂ ରୁମ୍‌ରେ ଏକ କାଠ ବେଡ୍‌ରେ ବସିଥିବାବେଳେ ଅଭିଯୁକ୍ତ ତକିଆରେ ତାଙ୍କ ମୁହଁ ବନ୍ଦ କରି ମାରିଦେବାକୁ ଚେଷ୍ଟା କରିଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ନିକଟରେ ଥିବା ଏକ ଲୁହା ହେମଦସ୍ତା ବାଡ଼ିରେ ନାରାୟଣ ଜଗନ୍ନାଥଙ୍କ ମୁହଁକୁ ପିଟିଥିଲେ। ପ୍ରବଳ ରକ୍ତସ୍ରାବ ହେବା ସହିତ ସେହିଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମୃତଦେହକୁ ଆଣି ଘର ବାହାରେ ପକାଇଦେବା ସହ କାନ୍ଥ ଏବଂ ଚଟାଣରେ ଲାଗିଥିବା ରକ୍ତକୁ ଧୋଇଥିଲେ। ଅପରାହ୍ଣ ୩ଟା ୧୦ରେ ମୃତଦେହ ଘର ବାହାରେ ଆଣି ପକାଇବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ଗିରଫଦାରୀକୁ ଏଡ଼ାଇବା ପାଇଁ ଅଭିଯୁକ୍ତ ବାଡ଼ିପଟ ଦେଇ ସାଇକଲରେ ତାଙ୍କ ଶଶୁର ଘର ଦାମୋଦରପୁର ଶାସନ ପିଲିପିଲାକୁ ଚାଲି ଯାଇଥିଲେ। ବୁଧବାର ରାତିରେ ପୁଲିସ ନାରାୟଣଙ୍କୁ ତାଙ୍କ ଶଶୁର ଘରୁ ଗିରଫ କରିଥିଲା। ସେ ଜଗନ୍ନାଥଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଟାଉନ ଥାନା ପୁଲିସ କହିଛି। ଗୁରୁବାର ପୁଲିସ ହେମଦସ୍ତା ବାଡ଼ି ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।



ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗକାର୍ଯ୍ୟ

- ଠାକୁରଙ୍କୁ ସ୍ପର୍ଶ ନ କରିବାର ପୁନର୍ବିଚାର ହେଉ

## 'କ୍ଷତିଭରଣା ଅର୍ଥ ସହର ବିକାଶରେ ଲାଗୁ'

**ପୁରୀ,୧୨।୬(ସମିସ):** ମହାପ୍ରଭୁଙ୍କୁ ଛୁଇଁ ପାରିବେନି ଭକ୍ତ। ଏହି କଟକଣା ପ୍ରାୟ ୧୦/୧୧ ବର୍ଷ ହେବ ଲାଗିଛି। ଏହାକୁ ନେଇ ଅନେକଙ୍କ ମନରେ ସବୁବେଳେ ପ୍ରଶ୍ନ ଉଠୁଛି। କେହି କେହି ଭଗବାନଙ୍କୁ ଭକ୍ତ କାହିଁକି ଛୁଇଁପାରିବ ନାହିଁ ବୋଲି କହୁଥିବାବେଳେ ଆଉ କେହି ନ ଛୁଇଁବାର ଯୁକ୍ତି ବି ରଖୁଛନ୍ତି। ଆଜି ବି ଏହି ପ୍ରସଙ୍ଗ ବିତର୍କିତ ଅବସ୍ଥାରେ ରହିଯାଇଥିବାବେଳେ ଏହାକୁ ନେଇ ପ୍ରଶ୍ନ ଉଠାଇଛି ଓଡ଼ିଶା ଯୁବ ଚେତନା ସଂଗଠନ। କାହିଁକି ଠାକୁରଙ୍କୁ ଭକ୍ତ ସ୍ପର୍ଶ କରିବେନି? ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟରେ ଭକ୍ତଟିଏ ଠାକୁରଙ୍କୁ ଛୁଇଁବାର ଅଧିକାର ଦେଇଥିବାବେଳେ କିପରି ନ୍ୟାୟାଳୟ ଏକ ଆକ୍ଟକୁ ପଛରେ ପକାଇ ୨୦୧୪ ଜୁନ୍ ମାସରେ ଠାକୁରଙ୍କୁ ଅଛୁଆଁ କଲେ ବୋଲି ସଂଗଠନ ପ୍ରଶ୍ନ ଉଠାଇଛି। ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଏ ନେଇ ଗୁରୁବାର ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଓ ସାଂସଦଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଗୁରୁ, ଗୁରୁଜନ ଓ ପିତାମାତାଙ୍କୁ ଛୁଇଁବା ଯଦି ପାପ ନୁହେଁ ତେବେ ଠାକୁରଙ୍କୁ ଛୁଇଁବା ପାପ କାହିଁକି? ଯିଏ ୨୦୧୪ ଜୁନ୍ ମାସ ଯାଏ ଠାକୁରଙ୍କୁ ଛୁଇଁବା ପାଇଁ ଅନୁମତି ଦେଇଥିଲା ସେମାନେ ଦଣ୍ଡିତ ନ ହେବ କାହିଁକି? ଭକ୍ତ ନ ଛୁଇଁବା ବାବଦରେ ସରକାର କୋଟି କୋଟି ଟଙ୍କା କ୍ଷତିପୂରଣ ଦେଉଛନ୍ତି କାହା ସ୍ୱାର୍ଥରେ? ଏଣୁ ରାଜ୍ୟ ସରକାର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ପର୍ଶର ମହାମିଳନ କରାଇବା ସହ କ୍ଷତିପୂରଣ ଟଙ୍କା ପୁରୀ ସହର ବିକାଶରେ ଲଗାନ୍ତୁ। ପ୍ରତିବର୍ଷ ଠାକୁରଙ୍କୁ ଭକ୍ତ ନ ଛୁଇଁବା ବାବଦରେ ଯେଉଁ କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି ସେଥିରେ ଭକ୍ତମାନଙ୍କ ପାଇଁ ବଡ଼ଦାଣ୍ଡରେ ସ୍ଥାୟୀ ଶୌଚାଳୟ କରନ୍ତୁ ବୋଲି ଶ୍ରୀ ମିଶ୍ର କହିଛନ୍ତି।



ଶ୍ରୀମନ୍ଦିରରେ ପୂଜା ପାଇଲେ ପଟିଦିଅଁ

## 'ବିକଶିତ ଓଡ଼ିଶା ପାଇଁ ସାମୂହିକ ସହଯୋଗ ଲୋଡ଼ା'

**ପୁରୀ,୧୨।୬(ସମିସ):** ୨୦୩୬କୁ ବିକଶିତ ଓଡ଼ିଶା ଓ ୨୦୪୭କୁ ବିକଶିତ ଭାରତ କରିବାର ଧାର୍ଯ୍ୟ ଲକ୍ଷ୍ୟକୁ ଆମେ ସମ୍ମିଳିତ ଉଦ୍ୟମରେ ପୂରଣ କରିବା ବୋଲି ଆହ୍ୱାନ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଗୁରୁବାର ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିକଶିତ ଓଡ଼ିଶା ପାଇଁ ବିକଶିତ ପୁରୀ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିକଶିତ ଭାରତ ଦେଶର ସମସ୍ତ ନାଗରିକଙ୍କ ସ୍ୱପ୍ନ। ଭଲରେ ରହିବା, ଆର୍ଥିକ ଉନ୍ନତି କରିବା, ମୌଳିକ ସୁବିଧା ହାସଲ କରିବା ଇତ୍ୟାଦି ସମସ୍ତ ବ୍ୟବସ୍ଥା ଏଥିରେ ଅନ୍ତର୍ଭୁକ୍ତ ବୋଲି ମତ ଦେଇଥିଲେ। ଅର୍ଥନୀତିକୁ ସୁଦୃଢ଼ କରି ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାରର ଲକ୍ଷ୍ୟ ରଖାଯାଇଛି। ଗତ ଓଡ଼ିଶା କନ୍‌କ୍ଲେଭ୍‌ରେ ୧୬ଲକ୍ଷ ୭୩ ହଜାର କୋଟି ଟଙ୍କାର ପୁଞ୍ଜି ଲଗାଣ ପ୍ରସ୍ତାବ ଆସିଥିବାବେଳେ ପ୍ରଥମ ବର୍ଷରେ ୧ ଲକ୍ଷ ୨୯ ହଜାର କୋଟି ଇନ୍‌ଭେଷ୍ଟ ହୋଇଛି। ବିକଶିତ ଓଡ଼ିଶା ୨୦୩୬ ପାଇଁ ୩୬ଟି ରଣନୀତି ପ୍ରସ୍ତୁତ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେବା ସହ ଓଡ଼ିଶା ଗ୍ରୀନ୍ ଏନର୍ଜିର ହବ୍ ପାଲଟିଛି ବୋଲି କହିଥିଲେ। ସାଂସଦ ତଥା ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଦେଶର ଅର୍ଥନୀତିରେ ଅନେକ ସୁଧାର ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଉପସ୍ଥି ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଟୀକାୟତରାୟ, ଡ. ଅରୁଣ କୁମାର ଦାସ, ରାଜ କିଶୋର ପାତ୍ର, ହରିହର ହୋତା, କାର୍ତ୍ତିକ ଚନ୍ଦ୍ର ଦାଶ, ଚକ୍ରଧର ମହାପାତ୍ର, ସିଦ୍ଧାର୍ଥ ରାୟ ଓ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ପୁରୀ ବିକାଶ ପାଇଁ ବିବିଧ ପ୍ରସ୍ତାବ ମାନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଏକ ସଚେତନତା ରଥକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

## ଗୀତଗୋବିନ୍ଦ, ଭାଗବତ ପାଠ ଓ କୀର୍ତ୍ତନରେ ଭାର୍ଗବୀ ଆଳତି

**ପୁରୀ,୧୨।୬(ସମିସ):** ଶ୍ରୀଜଗନ୍ନାଥଙ୍କ ପାତାଳି ପୀଠ କପିଳେଶ୍ୱରପୁର ଶାସନର ମା' ପଞ୍ଚମୁଖୀଙ୍କ ମନ୍ଦିର ପାର୍ଶ୍ୱ ପବିତ୍ର ଭାର୍ଗବୀ ନଦୀପଠାରେ ସ୍ନାନପୂର୍ଣ୍ଣମୀରେ ହୋଇଛି ଆଳତି ମହୋତ୍ସବ। ଶିକ୍ଷାବିତ୍ ଦ୍ୱାରିକାନାଥ ବିଶ୍ୱାଳ ଓ ଯୁବ ଭାଗବତ ସଂଗଠକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର ଗୀତଗୋବିନ୍ଦ ଗାୟନ କଲାପରେ ବିଶିଷ୍ଟ ପାଲାକାର ଶିକ୍ଷାବିତ୍ ରବିନାରାୟଣ ପ୍ରଧାନ ଜନଜୀବନରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତ ଉପରେ ବକ୍ତବ୍ୟ ରଖିଥିଲେ। ପରେପରେ ଘଣ୍ଟ, ଘଣ୍ଟା ଓ କୀର୍ତ୍ତନ ଦଳଙ୍କ କୀର୍ତ୍ତନ ମଧ୍ୟରେ ଠାକୁରଙ୍କ ପାତାଳି ସମୟରେ ଧର୍ମ-ସଂସ୍କୃତିକୁ ଆଶ୍ରୟ ଦେଇଥିବା ପବିତ୍ର ନଦୀ ଭାର୍ଗବୀ ନଦୀପଠାରେ ପଣ୍ଡିତ ଶୁଭାଶିଷ କର ଓ ସୁକ୍ରୀୟ ବ୍ରାହ୍ମଣମାନେ ଆଳତି କରିଥିଲେ। ଶାସନର ମହାଜନଙ୍କ ସମେତ ଏଥିରେ ଗବେଷକ ନୀଳମଣି ସୁଆର, ଶିକ୍ଷାବିତ୍ ନୃସିଂହ ଆଚାର୍ଯ୍ୟ ଓ ଅନ୍ତର୍ଯ୍ୟାମୀ ମିଶ୍ର, ବିରଞ୍ଚି କର, ଭବାନୀ ଶଙ୍କର ତ୍ରିପାଠୀ, ବାପିନା ପତି, ଗଙ୍ଗାଧର କର, ଗୋପାଳ କର, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସୁଲୋଚନା ମିଶ୍ର, ବାନାମ୍ବର ପରିଡ଼ା, ଶିକ୍ଷାବିତ୍ କାଶୀନାଥ ନାୟକ ଅଭିଭାଷଣ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଅଞ୍ଚଳର ଯୁବକ ଦିନେ ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ ଭାବେ ରାଜ୍ୟ ଶାସନ କରି, ପ୍ରଥମଥର ପାଇଁ ନିଜକୁ ଠାକୁରଙ୍କ ରାଉତ ଭାବେ ଘୋଷଣା କରି ଇତିହାସ ସୃଷ୍ଟି କରିଥିଲେ।

# ନାଗା ସାଧୁ ବେଶରେ ଲୁଟ୍; ଜଣେ ଗିରଫ, ୨ ଫେରାର୍

**ସାକ୍ଷୀଗୋପାଳ,୧୨।୬(ସମିସ):** ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପଟ୍ଟନାୟିକିଆ ଛକ ନିକଟରେ ଗୁରୁବାର ଦିନ ପ୍ରାୟ ୧୨ଟା ସମୟରେ ନାଗା ସାଧୁ ବେଶରେ ୩ ଜଣ ବ୍ୟକ୍ତି ଅଭିନବ ଉପାୟରେ ଆଶୀର୍ବାଦ କରିବା ବାହାନାରେ ଟଙ୍କା ଲୁଟ୍ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜଣକୁ ଗିରଫ କରିଥିବାବେଳେ ଅନ୍ୟ ୨ ଜଣ ଫେରାର୍ ହୋଇଯାଇଛନ୍ତି।





ନାଗା ସାଧୁ ବେଶରେ ହରିୟାଣା ରାଜ୍ୟ ବିକାଶ ନଗର, ସୋନପତିର ରଞ୍ଜନ ସିଂ ଓରଫ ନାଥ (୨୫) ଓ ଅନ୍ୟ ୨ ଜଣ ନାଗା ସାଧୁ ବେଶରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସୁଥିବା ଯାନବାହନଗୁଡ଼ିକ ଅଟକାଇ ଫୁଲ ଓ ପାଣି ପ୍ରଦାନ କରି ଆଶୀର୍ବାଦ କରୁଥିଲେ। ଏହି ସମୟରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅଗରପୁରର ଲକ୍ଷ୍ମୀଧର ସାହୁ, ବଡ଼ ପୁଅ ସୌମ୍ୟ ରଞ୍ଜନ ସାହୁ ଓ ସାନ ପୁଅ ଆଶିଷ କୁମାର ଏକ କାର୍ ଯୋଗେ ପିପିଲିରୁ ନିଜ ଗ୍ରାମ ଅଗରପୁର ଫେରୁଥିଲେ। ଏହି ସମୟରେ ଏହି ସାଧୁ ୩ ଜଣ ହାତ ଦେଖାଇ ଅଟକାଇଥିଲେ। କାର୍‌ଟି ଅଟକିବା ପରେ ଲକ୍ଷ୍ମୀଧର ସାହୁ ଏହି ସାଧୁମାନଙ୍କୁ ୨୦ ଟଙ୍କା ଦେଇଥିଲେ। ଏହି ସାଧୁମାନେ ହମ୍ ଲେନେବାଲା ନେହିଁ, ଦେନେବାଲା କହିଥିଲେ। ତୁମ୍ହାରା ପର୍ସ ଦେଖାଓ, ହମ୍ ଉସେ ଅଭିମନ୍ତ୍ରିତ କର୍‌ଦେଙ୍ଗେ। ତୁମ୍ହାରା ପୈସାକ ଅଭାବ ନହିଁ ରହେଗା। ପୈସା ହର୍‌ଦମ୍ ଆଏଗା। ଏହି କଥା ଶୁଣି ସୌମ୍ୟ ରଞ୍ଜନ ଓ ଆଶିଷ ସେମାନଙ୍କ ପର୍ସ ଦେଖାଇଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣ ସାଧୁ ଏମାନଙ୍କ ପର୍ସରେ ଫୁଲ ଓ ପାଣି ପକାଇଥିଲେ। ଏହି ଫୁଲ ଓ ପାଣି ପକାଇବା ସମୟରେ ସାଧୁଦ୍ୱୟ ମନ୍ତ୍ରୋଚ୍ଚାରଣ କରି ସୌମ୍ୟଙ୍କ ପର୍ସରେ ଥିବା ୨୫ ହଜାର ଟଙ୍କା ଓ ଆଶିଷଙ୍କ ପର୍ସରେ ଥିବା ୫ହଜାର ଟଙ୍କା ବାହାର କରି ନେଇଥିଲେ। ଫୁଲ ଓ ପାଣି ପଡ଼ିବା ଏବଂ ମନ୍ତ୍ରୋଚ୍ଚାରଣ ପରେ ଏହି ୨ ଜଣ ଟଙ୍କା ଫେରାଇବା ନିମନ୍ତେ କହିଥିଲେ।

ମାତ୍ର ସାଧୁ ୩ ଜଣ ଟଙ୍କା ଫେରାଇବା ବଦଳରେ ପିଛେ ମତ ଡକାଓ, ବହତ ବୁରା ହୋଗା, ଚଲେଯାଓ କହିଥିଲେ। ସନ୍ଦେହ ହେବାରୁ ଏମାନେ ଟଙ୍କା ଫେରସ୍ତ ମାଗିଥିଲେ। ଏହି ସମୟରେ ସାଧୁମାନେ ଖସିଯିବା ନିମନ୍ତେ ବିଭିନ୍ନ ବାହାନା ଦେଖାଇ ଉଦ୍ୟମ କରିଥିଲେ। ସୌମ୍ୟ ପୁଲିସକୁ ଫୋନ୍ କରିବାରୁ ସତ୍ୟବାଦୀ ପୁଲିସ ଭ୍ୟାନ୍ ପହଞ୍ଚିବା ଦେଖି ଯାଯାବର ହୋଟେଲ ପଟକୁ ଦୌଡ଼ିଥିଲେ। ସ୍ଥାନୀୟ ଜନସାଧାରଣ ଓ ସତ୍ୟବାଦୀ ପୁଲିସ ରଞ୍ଜନ ସିଂ ଓରଫ ନାଥକୁ କାବୁ କରି ନେଇଥିଲେ। ଅନ୍ୟ ୨ ନାଗା ସାଧୁ ବେଶଧାରୀଙ୍କ ଠିକଣା ପ୍ରକାଶ କଲେ ତଦନ୍ତରେ ବ୍ୟାଘାତ ଘଟିବ ବୋଲି ସୂଚନା ଦେଇ ନ ଥିଲେ। ସତ୍ୟବାଦୀ ପୁଲିସ ଗିରଫ ହୋଇଥିବା ନକଲି ନାଗା ସାଧୁ ରଞ୍ଜନ ସିଂ ଓରଫ ନାଥଙ୍କ ନିକଟରୁ ୫ ହଜାର ଟଙ୍କା ଜବତ କରିଥିଲେ। ପୁଲିସ ତାଙ୍କ ବିରୋଧରେ ୩୦୯ (୬) ଦଫାରେ ମୋକଦ୍ଦମା ରୁଜୁ କରି ପୁରୀ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ସାଧୁ ନକଲି ଜଟ, ନିଶ ଓ ଦାଢ଼ି ଲଗାଇବା ସହ ଗୈରିକ ବସ୍ତ୍ର ପରିଧାନ କରିଥିଲେ ଏବଂ ଭସ୍ମ ବୋଳି ହୋଇଥିଲେ।

### ବିଜେପି ସରକାର ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକ ସମ୍ମିଳନୀ

# ନୟାଗଡ଼ ବିକାଶକୁ ନେଇ ପ୍ରଶ୍ନରେ ମନ୍ତ୍ରୀ ଘାଇଲା

ନୟାଗଡ଼,୧୨।୬(ସମିସ)

ନୟାଗଡ଼ ସର୍କିଟ୍ ହାଉସଠାରେ ଗୁରୁବାର ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲାର ବିଜେପି ନେତା ରାଘବ ମଲ୍ଲିକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ରାଜ୍ୟ ସରକାର ବର୍ଷକ ମଧ୍ୟରେ କରିଥିବା ବିଭିନ୍ନ କାର୍ଯ୍ୟ ଓ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟ ହ୍ରାସ ପାଇଁ ଯଥେଷ୍ଟ ପଦକ୍ଷେପ ନେଇଥିବା ସୂଚନା ଦେଇଥିଲେ। ଏହା ସହିତ ମହିଳାଙ୍କୁ ସଶକ୍ତ କରିବା ପାଇଁ ଋଣ ସୁବିଧା ସହ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ଏକ ବଡ଼ ଉପଲବ୍ଧି ବୋଲି କହିଥିଲେ। ଆୟୁଷ୍ମାନ କାର୍ଡ ଦ୍ୱାରା ହିତାଧିକାରୀମାନେ ଦେଶର ୨୯ ହଜାର ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି କହିଥିଲେ। ଏହା ସହିତ ରାଜ୍ୟ ସରକାର ସାମାଜିକ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ୮୦ ବର୍ଷ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ୩।୫ଶହ ଟଙ୍କା ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିକୁ ତ୍ୱରାନ୍ୱିତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟରେ ପୁଞ୍ଜିନିବେଶ ବୃଦ୍ଧି ପାଇଛି, ଶିଶୁ ସୁରକ୍ଷା ଓ ଶିଶୁ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଧାନ ସହାୟକ ମୂଲ୍ୟ ବୃଦ୍ଧି ଦ୍ୱାରା କୃଷକମାନେ ଲାଭବାନ ହୋଇଛନ୍ତି। ପୁରୀ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ତଥ୍ୟ ଉପସ୍ଥାପନ କରିଥିବାବେଳେ ନୟାଗଡ଼ ବିକାଶ ପାଇଁ କି ପଦକ୍ଷେପ ନିଆଯାଇଛି ବୋଲି ସାମ୍ବାଦିକଙ୍କ ପ୍ରଶ୍ନରେ ମନ୍ତ୍ରୀ ଘାଇଲା ହୋଇଥିବା ଦେଖାଯାଇଛି। କୌଣସି ତଥ୍ୟପୂର୍ଣ୍ଣ ଉତ୍ତର ରଖି ନ ପାରି ମନ୍ତ୍ରୀ କେବଳ ଗୋଳିଆ କରିବାକୁ ଚେଷ୍ଟା କରିଥିଲେ। ସେହିଭଳି ଆୟୁଷ୍ମାନ ଯୋଜନା ଇନ୍ସ୍ୟୁରାନ୍ସ ନାଁ ଆସ୍ୟୁରାନ୍ସ ବୋଲି ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ମନ୍ତ୍ରୀ ସିଧାସଳଖ ନ ରଖି ପୁରୁଷଙ୍କୁ ୫ ଲକ୍ଷ ଓ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳିବ ବୋଲି କହିଥିଲେ।

ସେହିପରି ନୟାଗଡ଼ ଜିଲ୍ଲାରେ କାହିଁକି ୩ହଜାରରୁ ଊର୍ଦ୍ଧ୍ୱ ୮୦ ବର୍ଷ ବୟସ୍କ ଲୋକ ୩।୫ଶହ ଟଙ୍କା ଭତ୍ତାରୁ ବଞ୍ଚିତ ହୋଇଛନ୍ତି ବୋଲି ପ୍ରଶ୍ନରେ ମନ୍ତ୍ରୀ ସଠିକ୍ ଉତ୍ତର ରଖିପାରି ନ ଥିଲେ। ଜିଲ୍ଲା ଟାର୍ଗେଟ୍ ନ ବଢ଼ାଯିବା ପଛରେ କାରଣ କ'ଣ ବୋଲି ମନ୍ତ୍ରୀ କହିପାରି ନ ଥିଲେ। ଚିନିକଳ ପୁନରୁଦ୍ଧାର ପ୍ରସଙ୍ଗ ପଚାରିବାରେ, ଏହା ଚାଲୁ ରହିଥିବା କହି ଏଡ଼ାଇ ଯାଇଥିଲେ। ସେହିଭଳି ମହାନଦୀରେ ବ୍ୟାରେଜ୍ ନିର୍ମାଣ, ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ, କୋମଣ୍ଡ ମାଙ୍କଡ଼ା ଖଣିରେ ବିଜେପି ନେତାଙ୍କ ଲିଙ୍କ୍ ପ୍ରସଙ୍ଗ ଉପସ୍ଥାପନ କରିବା ପରେ ତରବରିଆ ଭାବେ ମନ୍ତ୍ରୀ ଧନ୍ୟବାଦ ଦେଇ ସମ୍ମିଳନୀକୁ ବନ୍ଦ କରିଥିଲେ। ଜିଲ୍ଲା ପ୍ରଶାସନ ଏବଂ ବିଜେପି ବିଧାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରୁଥିବା ନେଇ ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିଥିଲେ।




## ବିକାଶ ରଥ ଶୁଭାରମ୍ଭ

ନୟାଗଡ଼ ପୌର ପରିଷଦ ଆନୁକୂଲ୍ୟରେ ଗୁରୁବାର ଏକ ବିକାଶ ରଥ ଶୁଭାରମ୍ଭ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ସମେତ ସମସ୍ତ କାଉନ୍ସିଲର ଉପସ୍ଥିତ ଥିଲେ। ଏହି ବିକାଶ ରଥ ସହରର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ସରକାରଙ୍କ ସଫଳତା ସମ୍ପର୍କରେ ସଚେତନ କରିବ ବୋଲି ସୂଚନା ମିଳିଛି। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଓ ସମସ୍ତ କର୍ମଚାରୀ ସାମିଲ ଥିଲେ।

## ସର୍କିଟ୍ ହାଉସରେ ଦଳୀୟ ସଭା

ନୟାଗଡ଼ ସର୍କିଟ୍ ହାଉସଠାରେ ଗୁରୁବାର ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକ ସମ୍ମିଳନୀ, ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହା ସହିତ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ କରିଛନ୍ତି। ଜିଲ୍ଲା ପ୍ରଶାସନ ଅଧୀନସ୍ଥ ଏହି ସର୍କିଟ୍ ହାଉସ୍ ସରକାରୀ କାର୍ଯ୍ୟ ପାଇଁ ବ୍ୟବହାର ହେବାକୁ ଥିବାବେଳେ ଏଠାରେ ଦଳୀୟ କାର୍ଯ୍ୟକ୍ରମ ପାଇଁ କିଏ ଅନୁମତି ଦେଲା ବୋଲି ପ୍ରଶ୍ନ ଉଠିଛି। ଏଭଳି କାର୍ଯ୍ୟପନ୍ଥାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

## ବଜ୍ରପାତରେ ୩ ମହିଳା ଆହତ

**ଭାପୁର,୧୨।୬(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଅଞ୍ଚଳରେ ଗୁରୁବାର ସକାଳ ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମର ଭିକାରୀ ପଣ୍ଡାଙ୍କ ଛାତ ଘର ଫାଟିବା ସହ ଆଜ୍‌ବେଷ୍ଟସ୍, ଘରର ବିମ୍, କାନ୍ଥ କ୍ଷତିଗ୍ରସ୍ତ ହୋଇଛି ଏବଂ ତାଙ୍କର ଗୋଟିଏ ବାଛୁରୀ ମଧ୍ୟ ଗୁରୁତର ହୋଇଛି। ଏହି ବଜ୍ରପାତରେ ସୁନାଖଳା ଗ୍ରାମର ଦିଲ୍ଲୀପ ଜେନାଙ୍କ ସ୍ତ୍ରୀ ସର୍ମିଷ୍ଠା ଜେନା ପୋଖରୀରୁ ଗାଧୋଇକି ଫେରିବା ସମୟରେ ଗୁରୁତର ଆହତ ହୋଇ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହି ଗ୍ରାମର ସୁମନ୍ତ ମଲ୍ଲିକଙ୍କ ଝିଅ ମାମାଲି ମଧ୍ୟ ଆହତ ହୋଇଛନ୍ତି। ସେହିପରି କଇଁଫୁଲିଆ ଗ୍ରାମରେ କଇଁଫୁଲିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାରଣାଙ୍କ ସ୍ତ୍ରୀ ପ୍ରବାସିନୀ ମହାରଣା ଠାକୁର ପୂଜା ପାଇଁ ନଳକୂଅରୁ ପାଣି ଆଣିବା ସମୟରେ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ଛାତ୍ର କଂଗ୍ରେସ ପକ୍ଷରୁ ଆର୍‌ଟିଓ ଅଫିସ ଘେରଉ



**ନୟାଗଡ଼,୧୨।୬(ସମିସ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଏବଂ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନଙ୍କ ଆହ୍ୱାନ କ୍ରମେ ରାଜ୍ୟର ଛାତ୍ରଛାତ୍ରୀଙ୍କ ପାଇଁ ସରକାରୀ ବସ୍‌ରେ ମାଗଣା ଏବଂ ଘରୋଇ ବସ୍‌ରେ ୫୦ ପ୍ରତିଶତ ଯାତାୟାତ ରିଆତି ଘୋଷଣା ଦାବିରେ ଗୁରୁବାର ନୟାଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଆର୍‌ଟିଓ ଅଫିସ ଘେରଉ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁଙ୍କ ଆବାହକତ୍ୱରେ ଆର୍‌ଟିଓ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଦଳ ପକ୍ଷରୁ ଜାରି ସ୍ମାରକପତ୍ର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସୁଶ୍ରୀ ସୁଧାଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଡିସିସି ସଂଯୋଜକ ସତ୍ୟବ୍ରତ ନାୟକ, ନୟାଗଡ଼ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ରଣଜିତ୍ ଦାଶ, ସେବାଦଳ ନେତା ମନୋଜ କୁମାର ସାହୁ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ପୀତବାସ ଖୁଣ୍ଟିଆ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଅନିଲ ଛୁଆଳସିଂ ପ୍ରମୁଖ ଶତାଧିକ ଦଳୀୟ ସମର୍ଥକ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ



**ନୟାଗଡ଼,୧୨।୬(ସମିସ):** ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ତରଫରୁ ଉଦ୍‌ଘାଟନ କରାଯାଇଛି। ଏହି ସଚେତନତା ରଥକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ କିଶୋର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶିବିୟାନ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ସହ ଶ୍ରମ ଅଧିକାରୀ ଅବ୍‌ଦୁଲ କାଦିର୍ ଖାନ, ଜ୍ଞାନରଞ୍ଜନ ସାହୁ, ସୁଶ୍ରୀ ପୂଜାରିନ୍ ସାମଲ ଓ ସୁଶ୍ରୀ ମୋନିକା ସେଠ୍ ସହ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ନୟାଗଡ଼ ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ୍, ଏନ୍‌ଏସି, ବାଣିଜ୍ୟ ସଂସ୍ଥା ଓ ଜନବହୁଳ ସ୍ଥାନଗୁଡ଼ିକରେ ସଚତନତା ସୃଷ୍ଟି କରିବା ସହିତ ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ସେଥିପ୍ରତି ସଚେତନତା ସୃଷ୍ଟି କରାଇବାରେ ସହାୟକ ହେବ। ଏଥି ସହିତ ଏକ ଶିଶୁ ଶ୍ରମିକ ନିରାକରଣ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସହର ପରିକ୍ରମା କରିଥିଲା।

## ଶିଶୁ ଶ୍ରମ ନିଷେଧ ଦିବସ ପାଳିତ

**ଓଡ଼ଗାଁ,୧୨।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ତାଲୁକ୍ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଓଡ଼ଗାଁ ଅଦାଲତ ପରିସରେ ତାଲୁକ୍ ପ୍ରାଧିକରଣ ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଙ୍ଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ଗାଁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୌମ୍ୟାଶ୍ରୀ ମହାପାତ୍ର, ଓକିଲ ସଂଘର ସଭାପତି ବରିଷ୍ଠ ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ସମ୍ପାଦକ ବଟକୃଷ୍ଣ ମିଶ୍ର, ସରକାରୀ ଓକିଲ ଇନ୍ଦୁ ଭୂଷଣ ମିଶ୍ର, ଯଜ୍ଞ ନାରାୟଣ ପାତ୍ରଙ୍କ ସହିତ ଅନ୍ୟ ଓକିଲମାନଙ୍କ ସହ ସ୍ଥାନୀୟ ମହିଳା ଓ ପୁରୁଷ ଶ୍ରମିକମାନେ ଯୋଗଦେଇଥିଲେ। ଅତିଥିମାନେ ଶିଶୁଶ୍ରମ ନିଷେଧ ଦିବସର ଉଦ୍ଦେଶ୍ୟ ଓ ଆଇନଗତ ଦିଗ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତାଲୁକ୍ ଆଇନ ସେବା ପ୍ରାଧିକରଣ ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ସଂଯୋଜନା କରିଥିଲେ।

### ଦାବି ଜଣାଇଲେ ୧୭ ଖଣ୍ଡ ମୌଜାବାସୀ

## ରାସ୍ତା କର ନ ହେଲେ ରାସ୍ତାରୋକ




**ନୟାଗଡ଼,୧୨।୬(ସମିସ):** ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ, ଚାହାଳି ପଞ୍ଚାୟତର ୧୭ ଖଣ୍ଡ ମୌଜାବାସୀ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ରାସ୍ତା ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ଏହା ସହିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ସେମାନଙ୍କ ଦାବି ଶୁଣିବା ସହ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୀର୍ଘ ୭ ବର୍ଷ ଧରି ୧୭ ଖଣ୍ଡ ମୌଜା ଓ ଗୁଡୁପାଙ୍ଗୀ ମଧ୍ୟରେ ରାସ୍ତା ପାଇଁ ବିବାଦ ଲାଗି ରହିଛି। ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଅଧପନ୍ତରିଆ ଅବସ୍ଥାରେ ରହିଛି। ୧୭ ଖଣ୍ଡ ମୌଜାବାସୀ ବଳଭଦ୍ରପୁର ଢିପାମାଳ ରାସ୍ତାକୁ ସଦାବନ୍ଧ ଛକ ଦେଇ ନିର୍ମାଣ କରିବାକୁ ଦାବି କରୁଥିବାବେଳେ ଗୁଡୁପାଙ୍ଗୀ ଏହାକୁ ବିରୋଧ କରୁଛି। ଗୁଡୁପାଙ୍ଗୀ ରାସ୍ତା ତାଙ୍କ ଗ୍ରାମ ଦେଇ ନିର୍ମାଣ କରିବା ଜିଦ୍‌ରେ ଅଟଳ ରହିଛି। ଏହି ବିବାଦକୁ ନେଇ ବିଗତ ଦିନରେ ଅନେକ ରାସ୍ତାରୋକ, ପ୍ରଜାମେଳି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନେକ ପ୍ରୟାସ ପରେ ବି ରାସ୍ତା ନିର୍ମାଣ ହୋଇପାରୁନାହିଁ। ଫଳରେ ୫ ଖଣ୍ଡ ଆଦିବାସୀ ଗାଁ ବାସିନ୍ଦା ଜଙ୍ଗଲ ପରିସରରୁ ବାହାରକୁ ବାହାରିବା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ବିଗତ ଦିନରେ ଭୋଟ୍ ବର୍ଜନ ପରିସ୍ଥିତି ମଧ୍ୟ ଦେଖାଯାଇଛି। ବିଗତ ଦିନରେ ଜିଲ୍ଲାପାଳ ୪୦ ଲକ୍ଷ ଟଙ୍କା ମଞ୍ଜୁର କରି ପୁଲିସ ଫୋର୍ସ ଉପସ୍ଥିତିରେ ମାଟି ରାସ୍ତା ନିର୍ମାଣ କରିଥିଲେ। ତାହା ଅଧପନ୍ତରିଆ ହୋଇ ରହିଥିବାବେଳେ ତୁରନ୍ତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି। ଏଣୁ ଆସନ୍ତା ୨୩ ତାରିଖ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ନଚେତ୍ ୧୭ ଖଣ୍ଡ ମୌଜାବାସୀ ଜାତୀୟ ରାଜପଥ ଅବରୋଧ କରିବା ସହ ଜେଲ୍‌ଭରୋ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ବଣ୍ଟନ

## ମନ୍ତ୍ରୀ ଓ ବିଧାୟକଙ୍କ ମଝିରେ ମହିଳା କିଏ ?

**ନୟାଗଡ଼,୧୨।୬(ସମିସ):** ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ବଣ୍ଟନ କରାଯାଇଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆୟୁଷ୍ମାନ ଯୋଜନା ସମ୍ପର୍କରେ ମନ୍ତ୍ରୀ ତାଙ୍କ ବକ୍ତବ୍ୟ ରଖିଥିବାବେଳେ ବୟୋଜ୍ୟୋଷ୍ଠ ତଥା ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଜନହିତକର ବୋଲି କହିଥିଲେ। ଏହି ଅବସରରେ ଅନେକ ବୟସ୍କ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ବଣ୍ଟନ କରାଯାଇଥିଲା। ନୟାଗଡ଼ ଜିଲ୍ଲାରେ ୬୦ ହଜାର ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି କାର୍ଡ ବଣ୍ଟନ ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବାବେଳେ ମନ୍ତ୍ରୀ ଓ ବିଧାୟକଙ୍କ ମଝିରେ ଉପସ୍ଥିତ ରହି ଜଣେ ମହିଳା କାର୍ଡ ବଣ୍ଟନ କରିଥିବା ଦେଖାଯାଇଥିଲା। ମହିଳା ଜଣକ ନା ନିର୍ବାଚିତ ପ୍ରତିନିଧି, ନା ସରକାରୀ କର୍ମଚାରୀ। କିଭଳି ଜଣେ ଅଜଣା ବ୍ୟକ୍ତିଙ୍କୁ ଜିଲ୍ଲା ପ୍ରଶାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ୍ କଲା ବୋଲି ଚର୍ଚ୍ଚା ଜୋର୍ ଧରିଛି। ମହିଳାଙ୍କ ନାମ ଲକ୍ଷ୍ମୀପ୍ରିୟା ପଣ୍ଡା ବୋଲି ସାମାଜିକ ଗଣମାଧ୍ୟମରୁ ସୂଚନା ମିଳିଛି। ସେ ଜଣେ ବିଜେପି କାର୍ଯ୍ୟକର୍ତ୍ତା ବୋଲି ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ସରକାରୀ କାର୍ଯ୍ୟକ୍ରମରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ସାମିଲ୍ କରିବା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଏହି ମହିଳା ମନ୍ତ୍ରୀ ନା ବିଧାୟକଙ୍କ ଡକରାରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ବୋଲି ପ୍ରଶ୍ନ ଉଠିଛି।



### ଓଡ଼ଗାଁ କ୍ରିକେଟ୍ ଲିଗ୍‌ର ୫ମ ଦିନ

## ଇଲାଇଟ୍ ଇଗଲ୍, ଏମ୍ପୋରିୟର୍ ଇଲେଭେନ, ହାପି ଇଲେଭେନ ଓ ଡାଇନୋମିକ କିଙ୍ଗ୍‌ସ ବିଜୟୀ

**ଓଡ଼ଗାଁ,୧୨।୬(ସମିସ):** ଓଡ଼ଗାଁ ମିନି ଷ୍ଟାଡିୟମଠାରେ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଅନୁଷ୍ଠିତ ୧୬ତମ ଓଡ଼ଗାଁ କ୍ରିକେଟ୍ ଲିଗ୍ ୫ମ ଦିନରେ ଇଲାଇଟ୍ ଇଗଲ୍, ଏମ୍ପୋରିୟର୍ ଇଲେଭେନ, ହାପି ଇଲେଭେନ ଓ ଡାଇନୋମିକ କିଙ୍ଗ୍‌ସ ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍ ସ୍ମାଇଲ୍ ଇଲେଭେନ ଓ ଇଲାଇଟ୍ ଇଗଲ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲାଇଟ୍ ଇଗଲ୍ସ ମ୍ୟାଚ୍ ବିଜୟୀ ହୋଇଥିବାବେଳେ ଶିବମ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ଏମ୍ପୋରିୟର ଇଲେଭେନ ଏବଂ ଇମୋର୍ଟାଲ୍‌ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏମ୍ପୋରିୟର ଇଲେଭେନ ବିଜୟୀ ହୋଇଥିବାବେଳେ ପଦି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ତୃତୀୟ ମ୍ୟାଚ୍ ହାପି ଇଲେଭେନ ଏବଂ ରୟାଲ ଲାୟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହାପି ଇଲେଭେନ୍ ଟିମ୍‌ର ରାଜା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସେହିପରି ୪ର୍ଥ ମ୍ୟାଚ୍ ଏନ୍‌ଏସି ଭାଇପର୍ସ ଓ ଡାଇନୋମିକ କିଙ୍ଗ୍‌ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡାଇନୋମିକ୍ ଟିମ୍ ବିଜୟୀ ହୋଇଛି। ବିଜୟୀ ଦଳର ଗଣେଶ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଓଡ଼ଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ସମ୍ପାଦକ ଖେଳ ମଣିଷ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହେଇଥିଲା।

### ଫ୍ରେଣ୍ଡସିପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଚକ୍ରଗଡ଼ ଓ ଡଙ୍କାରିସାହି

**ଗଣିଆ,୧୨।୬(ସମିସ):** ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବଡ଼ମୂଳରେ ଆୟୋଜିତ ଫ୍ରେଣ୍ଡସିପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେମି ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍‌ରେ ରାଣୀଭୂଇଁ ବନାମ ଚକ୍ରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଣୀଭୂଇଁ ବ୍ୟାଟିଂ କରି ୧୦୬ ରନ୍ କରିଥିବାବେଳେ ଚକ୍ରଗଡ଼ ୯.୩ ଓଭରରେ ୧୧୨ ରନ୍ କରି ୫ ୱିକେଟ୍‌ରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ସୁବାସ ଚନ୍ଦ୍ର ରଣା ଯୋଗଦେଇଥିଲେ। ଦିପୁନା ମ୍ୟାଚ୍‌ରେ ସର୍ବାଧିକ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍ ଡଙ୍କାରିସାହି ବନାମ କମଳାଡିହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡଙ୍କାରିସାହି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ୱିକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିବାରେ କରିବାରେ ସକ୍ଷମ ହୋଇଥିଲା। ଜବାବରେ କମଳାଡିହ ନିର୍ଦ୍ଧାରିତ ୧୦ ଓଭରରେ କୌଣସି ୱିକେଟ୍ ନ ହରାଇ ୧୨୫ ରନ୍ କରିବାରେ ସକ୍ଷମ ହୋଇଥିଲା। ୪୪ ରନ୍ ବ୍ୟବଧାନରେ ଡଙ୍କାରିସାହି ବିଜୟୀ ହେବା ସହ ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ବନପାଳ ପ୍ରତାପ କୁମାର ସେଠୀ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ରାଜୁ ସର୍ବାଧିକ ୮୯ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସରୋଜ ରଣା, ସିଲୁ ଖେଳ ପରିଚାଳନା କରିଥିଲେ।

## ଖାଁ ଖାଁ ବିକାଶ ମେଳା; ଷ୍ଟଲ୍ ଓ ଚେୟାର ଖାଲି

### ଲକ୍ଷାଧିକ ଟଙ୍କା ବ୍ୟୟ; ଉପଲବ୍ଧ କରିବାକୁ ଲୋକ ଅଭାବ



**ନୟାଗଡ଼,୧୨।୬(ସମିସ):** ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାରଠାରୁ ବିକାଶ ମେଳା ଆୟୋଜନ କରାଯାଇଛି। ଏହି ମେଳାକୁ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଷ୍ଟାଡିୟମ୍ ପଡ଼ିଆରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ରଖିବା ସହ ବିକାଶ ମେଳା ୭ ଦିନ ପାଇଁ ଆୟୋଜିତ ହୋଇଥିବା ଏବଂ ପ୍ରତ୍ୟେକ ଦିନ ବିଷୟଭିତ୍ତିକ ଆଲୋଚନା କରିବା ପାଇଁ ଯୋଜନା ରହିଥିବା କହିଥିଲେ। ଏହା ସହିତ ଆସନ୍ତା ରଜ ପର୍ବ ଏହି ବିକାଶ ମେଳାରେ ପାଳନ ହେବ ବୋଲି କହିଥିଲେ। ବିଷୟଭିତ୍ତିକ ଆଲୋଚନା ପାଇଁ କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ସ୍ୱାସ୍ଥ୍ୟ ବିଭାଗରୁ ଡା. ଅଭିସାର ପଣ୍ଡା, ସମନ୍ୱିତ ଶିଶୁ ବିକାଶ ବିଭାଗରୁ ଭାପୁର ବ୍ଲକ୍ ସୁପରଭାଇଜର ସନ୍ତୋଷିନୀ ପାଣି ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ବିକାଶ ମେଳାରେ ଅନେକ ପାରମ୍ପରିକ ଷ୍ଟଲ୍ ପ୍ରସ୍ତୁତ କରାଯାଇଥିବାବେଳେ ସେଥିରୁ ୭୦ ପ୍ରତିଶତ ଖାଲି ପଡ଼ିଛି। ମଞ୍ଚରେ ନେତା ଓ ପ୍ରଶାସନିକ ଅଧିକାରୀ ଭାଷଣ ରଖୁଥିବାବେଳେ ମଞ୍ଚ ତଳେ ୯୦ ପ୍ରତିଶତ ଖାଲି ପଡ଼ିଥିଲା। ପୂରା କାର୍ଯ୍ୟକ୍ରମରେ ମାତ୍ର ୫ଶହରୁ କମ୍ ଲୋକ ଉପସ୍ଥିତ ରହିଥିବା ଦେଖାଯାଇଥିଲା। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସରକାର ବିକାଶ ମେଳା ଆୟୋଜନ କରୁଥିବାବେଳେ ପ୍ରଚାରପ୍ରସାର ଅଭାବରୁ ଏନେଇ ଜିଲ୍ଲାବାସୀ ଅଜ୍ଞ ରହିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ଲୋକ ନ ଆସିବା ବିଜେପି ପ୍ରତି ଲୋକଙ୍କ ମନରେ ରହିଥିବା ଉପଲବ୍ଧି ବୁଝାପଡୁଛି। କାର୍ଯ୍ୟକ୍ରମରେ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତିକୁ ନେଇ ଖଣ୍ଡପଡ଼ା ବିଧାୟକ ପରୋକ୍ଷରେ କ୍ଷୋଭ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଖଣ୍ଡପଡ଼ା କିମ୍ବା ରଣପୁରରେ ଆୟୋଜନ ହୋଇଥିଲେ ବହୁ ସଂଖ୍ୟାରେ ଲୋକ ଯୋଗଦେଇଥାନ୍ତେ ବୋଲି କହିଥିଲେ।

### ଜଙ୍ଗଲ ଭିତରେ ଚାଲିଥିଲା ନକଲି ମଦ କାରଖାନା

## ସ୍ପିରିଟ୍, ଖାଲି ବୋତଲ ଜବତ; ଜଣେ ଗିରଫ

ନୟାଗଡ଼,୧୨।୬(ସମିସ)



ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅଞ୍ଚଳ ଜଙ୍ଗଲ ମଧ୍ୟରେ ରହିଥିବା ଉକୁଟିକୁମ୍ଭୀ ଗାଁରେ ଚାଲିଥିଲା ନକଲି ମଦ କାରଖାନା। ଏହି ମଦ କାରଖାନା ଉପରେ ଗୁରୁବାର କେନ୍ଦ୍ରୀୟ ଗୁଇନ୍ଦା ଅବକାରୀ ବିଭାଗ ଚଢ଼ଉ କରି ବ୍ୟାପକ ପରିମାଣର ନକଲି ମଦ ଏବଂ ନିର୍ମାଣ ସାମଗ୍ରୀ ଜବତ କରିଛି। ଅବକାରୀ ବିଭାଗ ସୂଚନାନୁସାରେ, ଡେପୁଟି କମିଶନର ଡମ୍ବରୁଧର ନାୟକଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ବିକାଶ କୁମାର ନାୟକ, ଆଇଆଇସି ଧିରେନ କୁମାର ବେହେରା, ତଦନ୍ତକାରୀ ଅଧିକାରୀ ଅବନୀ କୁମାର ମହାପାତ୍ର ସଦଳବଳେ ଚଢ଼ଉ କରିଥିଲେ। ଜଙ୍ଗଲ ମଧ୍ୟରେ ଏହି ବେଆଇନ ମଦ କାରଖାନା ଚାଲିଥିଲା। ସେଠାରୁ ୧୯.୮ ଲିଟର ନକଲି ବିଦେଶୀ ମଦ ଜବତ କରାଯାଇଛି। ଏହା ସହିତ ୨୯୦ ଲିଟର ସ୍ପିରିଟ୍, ୩୮୮ ନକଲି ଲେବୁଲ୍, ୭୬୮୦ ମ୍ୟାକ୍‌ଡଲ ନମ୍ବର ୧ ନକଲି ଲେବୁଲ, ୧୦ ହଜାର ୫ଶହ ଠିପି, ୨୦୦ ଏମ୍‌ଏଲ୍ ମଦ ପ୍ରସ୍ତୁତକାରୀ ରଙ୍ଗ, ୫ ଏମ୍‌ଏଲ୍ ପର୍‌ଫ୍ୟୁମ୍, ୫ ହଜାର ଖାଲି ବୋତଲ ଜବତ କରାଯାଇଛି। ରଣପୁର ଥାନା ଅନ୍ତର୍ଗତ ଲତାର ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାୟ ଏହି ବେଆଇନ ମଦ କାରଖାନା ଚଳାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି। ଏହାକୁ ନେଇ ଏକ ମାମଲା ରୁଜୁ କରାଯିବା ସହ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହା ପଛରେ ଜଣେ ବଡ଼ ମଦ ମାଫିଆଙ୍କ ହାତ ରହିଥିବା ଆଲୋଚନା ହେଉଛି। ଦୀର୍ଘଦିନ ଧରି ଏହି ଜଙ୍ଗଲ ମଧ୍ୟରେ ନକଲି ମଦ ପ୍ରସ୍ତୁତ କରାଯାଇ ନୟାଗଡ଼, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାକୁ ପଠାଯାଇଥାଏ। ରଣପୁର ଅବକାରୀ ବିଭାଗ ସବୁ ଜାଣି ନିରବଦ୍ରଷ୍ଟା ସାଜିଥିଲା। ମଦ ମାଫିଆଙ୍କଠାରୁ ଅବକାରୀ କର୍ମଚାରୀମାନେ ଚାନ୍ଦା ନେଇ ଚୁପ୍ ରହିଥିବା ଅଭିଯୋଗ ହୋଇଛି। ଗୁରୁବାର ଅବକାରୀ ଗୁଇନ୍ଦା ବିଭାଗ ଚଢ଼ଉ ପରେ ନକଲି ମଦ କାରଖାନା ଠାବ ହୋଇପାରିଛି।



ସକାଳ THE SAKALA



### ମଙ୍ଗଳାଯୋଡ଼ି ଆର୍ଦ୍ରଭୂମିରେ ବେଆଇନ ବନ୍ଧ ନିର୍ମାଣ

# ତହସିଲ୍‌ଦାରଙ୍କ ହସ୍ତକ୍ଷେପ ପରେ କାର୍ଯ୍ୟବନ୍ଦ

**ଟାଙ୍ଗୀ,୧୨।୬(ସମିସ):** ଟାଙ୍ଗୀ ବଣ୍ୟପ୍ରାଣୀ ବନାଞ୍ଚଳ ଅଧୀନସ୍ଥ ମଙ୍ଗଳାଯୋଡ଼ି ବିହଙ୍ଗ ବିହାର ଆର୍ଦ୍ରଭୂମି ଅଞ୍ଚଳରେ ଟାଙ୍ଗୀ ଥାନା ସୁନ୍ଦରପୁର ଗ୍ରାମର କିଛି ଜମି ମାଫିଆ ବର୍ଷ ବର୍ଷ ଧରି ବିହଙ୍ଗମାନଙ୍କର ଚାରଣ ଭୂମିକୁ ଜବରଦଖଲ କରି ମାଟି ବନ୍ଧ ନିର୍ମାଣ କରୁଥିବା ଟାଙ୍ଗୀ ତହସିଲ୍‌ଦାରଙ୍କୁ ଅଭିଯୋଗ ପରେ କାର୍ଯ୍ୟବନ୍ଦ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମଙ୍ଗଳାଯୋଡ଼ିକୁ ପକ୍ଷୀ ଅଭୟାରଣ୍ୟ ଘୋଷଣା କରିବାକୁ ସରକାର ଯୋଜନା କରୁଥିବାବେଳେ କିଛି ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ବିଦେଶାଗତ ପକ୍ଷୀମାନଙ୍କ ଚାରଣ ଭୂମି ଉପରେ ପଡ଼ିଥିବା ଜଣାପଡ଼ିବା ପରେ ପରିବେଶବିତ୍, ବିଭିନ୍ନ ପକ୍ଷୀ ସୁରକ୍ଷା ସମିତି ଏବଂ ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟଙ୍କ ସମେତ ସ୍ଥାନୀୟ ଜନସାଧାରଣ ଟାଙ୍ଗୀ ତହସିଲ୍‌ଦାରଙ୍କୁ ଲିଖିତ ଅଭିଯୋଗ କରିବା ପରେ ତହସିଲ୍‌ଦାର ନିଷ୍ଠା ମହାପାତ୍ର ଟାଙ୍ଗୀ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେବା ପରେ ଘଟଣା ଅନୁସନ୍ଧାନ କରି କାର୍ଯ୍ୟବନ୍ଦ



ହୋଇଥିବା ଜଣାପଡ଼ିଛି। ଉଦ୍‌ବେଗର ବିଷୟ ଏବେ ଦେଶୀୟ ପକ୍ଷୀମାନଙ୍କର ପ୍ରଜନନ ଋତୁ ଚାଲିଥିବାବେଳେ ଏଭଳି ବେଆଇନ ନିର୍ମାଣ ଦ୍ୱାରା ପକ୍ଷୀମାନଙ୍କର ଅଣ୍ଡା ଏବଂ ସାବକମାନଙ୍କୁ ଯଥେଷ୍ଟ କ୍ଷତି ପହଞ୍ଚିବାର ଆଶଙ୍କା ଥିବା ବଣ୍ୟପ୍ରାଣୀ ବିଶେଷଜ୍ଞ ଓ ପରିବେଶବିତ୍ ମତବ୍ୟକ୍ତ କରିଛନ୍ତି। ସୂଚନାରୁ ଜଣାଯାଏ ଯେ, ଚିଲିକା ବଣ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ଏହି ଘଟଣା ସମ୍ପର୍କରେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କର ମଧ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

**ଖୋର୍ଦ୍ଧା,୧୨।୬(ସମିସ):** ସ୍ଥାନୀୟ କୁରାଢ଼ମଲ୍ଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା କୋର୍ଟ ତାଲୁକ୍ ଆଇନସେବା କମିଟି ପକ୍ଷରୁ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଜେଏମ୍‌ଏଫ୍‌ସି ଦୂର୍ଗା ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଦେୱାନ ଜଜ୍ (କନିଷ୍ଠ) ଶ୍ରୀପର୍ଣ୍ଣା ମହାପାତ୍ର, ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ଶ୍ରମ ଅଧିକାରୀ ବିକାଶ ନାୟକ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ଶିବପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶିଶୁ ଶ୍ରମିକଙ୍କୁ ବିପଦପୂର୍ଣ୍ଣ କାମରେ ଲଗାଇଲେ ଆଇନ ଅନୁସାରେ ଦଣ୍ଡ ବ୍ୟବସ୍ଥା ଏବଂ ଏହା କିପରି ସୁସ୍ଥ ସମାଜ ଗଠନ ପରିପନ୍ଥି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ବସନ୍ତ ଶତପଥୀ ସଂଯୋଜନା କରିଥିଲେ। ଏଥିରେ ସମିତି ସଭ୍ୟ, ନାଏବ ସରପଞ୍ଚଙ୍କ ସମେତ ବହୁସଂଖ୍ୟାରେ ମହିଳା ଓ ଶିଶୁ ଯୋଗ ଦେଇଥିଲେ।

# ଦିନକ ପରେ ରଜ; ଆଜି ସଜବାଜ

**ଖୋର୍ଦ୍ଧା,୧୨।୬(ସମିସ)**

ଶୁକ୍ରବାର ସଜବାଜ। ଶନିବାର ପହିଲି ରଜ। କାମରୁ ବିରତି ନେଇ ରଜ ୩ ଦିନ କିପରି ଖେଳକୁଦ ଓ ମଉଜ ମଜଲିସ୍‌ରେ କଟିବ, ସେଥିପାଇଁ ସମସ୍ତେ ପ୍ରସ୍ତୁତ। ରଜ କିଣାବିକା ପାଇଁ ଖୋର୍ଦ୍ଧା ଓ ସହର ଉପକଣ୍ଠ ଜଟଣୀ, ଭୁବନେଶ୍ୱର ରଜ ବଜାର ଚଳଚଞ୍ଚଳ ହୋଇପଡ଼ିଛି। ଭଳିକି ଭଳି ପାନର ପସରାକୁ ନେଇ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ରଜପାନ ଦୋକାନମାନ ଖୋଲିଥିବାବେଳେ ପାରମ୍ପରିକ ରଜର ମଜା ନେବାକୁ ଗାଁ ଲେଉଟା ହେଲେଣି ସହରୀବାସିନ୍ଦା। ଏପଟେ ରଜ ପାଇଁ ଅଫର ପସରା ମେଲାଇ ବସିଥିବା ବ୍ୟବସାୟୀ ଓ ସପିଙ୍ଗ୍ ମଲ୍‌ରେ ପ୍ରବଳ ଭିଡ଼ ଲାଗିଥିବା ଦେଖିବାକୁ ମିଳିଲାଣି। ରଜ ପାଇଁ ସବୁଆଡ଼େ ଚାଲିଛି ଅଫର ପସରା। ରଜପର୍ବର ପ୍ରାୟ ୧୫ଦିନ ଆଗରୁ ଆରମ୍ଭ ହୋଇଯାଇଛି ଏହି ଅଫର ଧମାକା। ବଡ଼ ବଡ଼ ମଲ୍‌ରୁ ଆରମ୍ଭ କରି ଛୋଟ ଦୋକାନ ପର୍ଯ୍ୟନ୍ତ ପ୍ରାୟ ସବୁଠାରେ ଗ୍ରାହକଙ୍କୁ



ଦିଆଯାଉଛି ଆକର୍ଷଣୀୟ ରଜ ଅଫର ଓ ଉପହାର। ବ୍ୟବସାୟୀମାନେ ଭଳିକି ଭଳି ନୂଆ ରଜ କଲେକ୍ସନ ଆଣିବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଅଫର ପରେ ଅଫର ଘୋଷଣା କରୁଛନ୍ତି।

ପ୍ରତିଥର ଭଳି ଏଥର ମଧ ରଜ ବଜାରରେ ପାରମ୍ପରିକ ପୋଷାକ ଯଥା- ଶାଢ଼ି, ସାଲୱାର ସୁଟ୍, ଅନାରକଲି ଗାଉନ୍ ଓ କୁର୍ତ୍ତିର ଅଧିକ ଚାହିଦା ରହିଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଯଦିଓ ସମୟେ ସମୟେ ବର୍ଷା ହେଉଛି ତଥାପି ରଜ ପାଇଁ ସନ୍ଧ୍ୟା ହେଲେ ବଜାରରେ ଦେଖିବାକୁ ମିଳୁଛି ପ୍ରବଳ ଗହଳି। କିଏ ନିଜ ମନ ପସନ୍ଦର ପୋଷାକ କିଣି ନେଉଛି ତ କିଏ ନିଜ ପୋଷାକ ସହ ମ୍ୟାଚ୍ କରୁଥିବା କାନ ଫୁଲ, ଚୁଡ଼ି ଓ ଅଳଙ୍କାର ମନୋହରୀ ଦୋକାନରୁ ବାଛି ନେଉଛି।

ବ୍ୟବସାୟୀ ଅଜୟ କୁମାର ଶର୍ମା କୁହନ୍ତି, ରଜ ବଜାରରେ ଶାଢ଼ି, ଲେହେଙ୍ଗା ଓ କୁର୍ତ୍ତାର ଅଧିକ ଚାହିଦା ରହିଛି। ପିଓର ସିଲ୍କ, ପିଓର କଟନ୍, ନେଟ୍, ସିଫନରେ ପ୍ରସ୍ତୁତ ଶାଢ଼ି ଉପରେ ଜରି ଓ ଏମ୍ବ୍ରୋଡୋରୀ କାମର ଅଧିକ ଚାହିଦା ରହିଥିବାବେଳେ ହ୍ୟାଣ୍ଡଲୁମ୍ ଶାଢ଼ି ବି ପଛରେ ପଡ଼ିନି। ହ୍ୟାଣ୍ଡଲୁମ୍‌ର ଚାହିଦା ଯୋଗୁଁ ଓଡ଼ିଶାର ପାରମ୍ପରିକ ତଥା ହାତବୁଣା ଶାଢ଼ି କିଣିବା ଲାଗି ଲୋକଙ୍କ ଭିଡ଼ ମଧ ହେଉଛି ବୋଲି କହିଛନ୍ତି। ଯଦିଓ ଫ୍ୟାନ୍ସି ଶାଢ଼ିର ଡିମାଣ୍ଡ ସାମାନ୍ୟ କମିଛି ତଥାପି ଏହା ବଦଳରେ ଟ୍ରାଇବାଲ୍ ପ୍ରିଣ୍ଟ ଶାଢ଼ି, ପିଓର କଟନ୍ ଶାଢ଼ି ଅଧିକ ବିକ୍ରି ହେଉଛି। ଛୋଟ ଛୋଟ ଦୋକାନଠାରୁ ଆରମ୍ଭ କରି ବଡ଼ ବଡ଼ ରିଟେଲର, ଷ୍ଟୋର ପ୍ରଭୃତିରେ ଡିଜାଇନର ବହୁ କଲେକ୍ସନ ଉପଲବ୍ଧ ହେଉଥିବା ଦେଖାଯାଇଛି। ସେହିପରି ବିଭିନ୍ନ ମଲ୍, ବିଉଟି ପାର୍ଲରରେ ମେହେନ୍ଦି ଆର୍ଟିଷ୍ଟମାନେ ବୁକିଂ ରଖିଲେଣି। ଏବେଠାରୁ ବିଭିନ୍ନ ପାର୍ଲରରେ ଗହଳି ଆରମ୍ଭ ହୋଇଗଲାଣି। ରଜପର୍ବକୁ ନଜରରେ ରଖି ପାର୍ଲରଗୁଡ଼ିକ ଆକର୍ଷଣୀୟ ଅଫର ଦେଉଛନ୍ତି। ଏପରିକି ବିଭିନ୍ନ ଅନ୍‌ଲାଇନ୍ ସପିଙ୍ଗ୍ ସାଇଟ୍‌ରେ ଅଫର ଧମାକା ସହର ଓ ଉପକଣ୍ଠବାସୀଙ୍କୁ ଘରେ ବସି ଜିନିଷ ଅର୍ଡର କରିବାକୁ ବେଶ୍ ଆକର୍ଷିତ କରୁଛି।

## ପଥଚାରୀଙ୍କୁ ଦହିପଣା ବଣ୍ଟନ

**ବେଗୁନିଆ,୧୨।୬(ସମିସ):** ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ଗୋବିନ୍ଦପୁର ଛକଠାରେ ଜନ୍ମଦିନ ପାଳନ ଅବସରରେ ଦହି ପଣା ବଣ୍ଟନ କାର୍ଯ୍ୟକ୍ରମ ହୋଇଛି। ଏଥିରେ ରାଜପଥରେ ଯାତାୟାତ କରୁଥିବା ପଥଚାରୀ ଓ ଯାତ୍ରୀମାନଙ୍କୁ ଦହି ପଣା ବଣ୍ଟନ କରାଯାଇଥିଲା। ସୂଚନା ଅନୁଯାୟୀ, ବେଗୁନିଆ ବ୍ଲକ୍ ନିକଟସ୍ଥ ପଣ୍ଡାଳମ୍ ଗ୍ରାମର ଶିକ୍ଷକ ଚିନ୍ମୟ ପଣ୍ଡାଙ୍କ ପୁତ୍ର ଅରମାନର ଜନ୍ମ ଦିନ ପାଳନ ଅବସରରେ କାର୍ଯ୍ୟକ୍ରମଟିକୁ ଆୟୋଜନ କରିଥିଲେ। ଏଥିରେ କବି ଗଙ୍ଗାଧର ଓଝା, ସମାଜସେବୀ ମନୋରଞ୍ଜନ ପଣ୍ଡା ଓ ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

## ୧୪ରୁ ଆଞ୍ଚଳିକ ରଜ ମହୋତ୍ସବ 'ପରଦା'

**ବେଗୁନିଆ,୧୨।୬(ସମିସ):** ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଧଳାପଥର ଗ୍ରାମରେ ଆଞ୍ଚଳିକ ରଜ ମହୋତ୍ସବ "ପରଦା' ଆସନ୍ତା ୧୪ରୁ ଆରମ୍ଭ ହୋଇ ୧୬ ତାରିଖରେ ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମଟି ପରଦା ସାଂସ୍କୃତିକ ଅନୁଷ୍ଠାନ ଓ ଆଞ୍ଚଳିକ ରଜ ମହୋତ୍ସବ କମିଟି ପକ୍ଷରୁ କଳାପଥର ଧଳାପଥର ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ଉପଦେଷ୍ଟା ଧରମୁଧର ଯୁଝାର ସିଂହ, ଧ୍ରୁବ ଚରଣ ମହାପାତ୍ର, ଅନନ୍ତ ଚରଣ ଦାଶ, ଡ. ଶିଶିର କୁମାର ଆଚାର୍ଯ୍ୟ, ବସନ୍ତ କୁମାର ନାୟକ, ରତ୍ନାକର ମହାପାତ୍ର, ପ୍ରତାପ ମହାପାତ୍ର, ସଭାପତି ନରେଶ କୁମାର, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସହସମ୍ପାଦକ ମଳୟ ବେହେରା, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ପ୍ରତାପସିଂହ, ସଦସ୍ୟ ଭାଗିରଥି ଦାସ, ଯୋଗେଶ ସ୍ୱାଇଁ, ମାୟାଧର କରଣ, ରାଜ କିଶୋର ସାହୁ, ସଞ୍ଜୟ ସୁବୁଦ୍ଧି ଓ ବିଭୂତି ଭୂଷଣ ଦଳସିଂହରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ମତ ଉପସ୍ଥାପନ କରିଥିଲେ।

## ପ୍ରଚଣ୍ଡ ଖରାବେଳେ ଅଘୋଷିତ ବିଦ୍ୟୁତ୍ କାଟ୍; ଲୋକେ କଲବଲ

**ବାଲୁଗାଁ,୧୨।୬(ସମିସ):** ପାଣିପାଗ ବିଭାଗର ସୂଚନା ମୁତାବକ ଚଳିତ ବର୍ଷ ଓଡ଼ିଶାରେ ଶୀଘ୍ର ମୌସୁମୀ ବାୟୁ ପହଞ୍ଚିଥିବା ବେଳେ ପଶ୍ଚିମା ଝଡ଼ ଯୋଗୁଁ ବର୍ତ୍ତମାନ କେଉଁଆଡ଼େ ଗାଏବ ହୋଇଯାଇଛି ମୌସୁମୀ ବର୍ଷା। ବର୍ତ୍ତମାନ ଜୁନ୍ ମାସ ପ୍ରଥମ ସପ୍ତାହ ଶେଷ ହୋଇଥିଲେ ହେଁ ମୌସୁମୀ ବର୍ଷାର ଦେଖା ଦର୍ଶନ ନାହିଁ। ଫଳରେ ଦିନରେ ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବାରେ ଲୋକେ କଲବଲ ହେଉଛନ୍ତି। ପ୍ରଚଣ୍ଡ ଖରା ଯୋଗୁଁ ସକାଳ ୧୦ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ମେ' ମାସରେ ତାପମାତ୍ରା ସମଗ୍ର ଅଞ୍ଚଳରେ ୪୦ ଡିଗ୍ରୀ ଅତିକ୍ରମ କରିଥିବାବେଳେ ଅଧିକ ଖରା ହେଉଥିବା ସହ ଯେତିକି ଗୁଳୁଗୁଳି ଅନୁଭୂତ ହେଉଥିଲା, ବର୍ତ୍ତମାନ ତାପମାତ୍ରା କମିବା ବଦଳରେ ମୁଣ୍ଡଫଟା ଖରା ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ତତ୍‌ସହିତ ସମଗ୍ର ବାଲୁଗାଁ ବାଣପୁର ଅଞ୍ଚଳରେ ଦିନ ରାତି ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ସହ ଲୋ-ଭୋଲ୍‌ଟେଜ୍ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇ ପଡ଼ି ଲେକେ କଲବଲ ହେଉଛନ୍ତି। ସାରା ରାଜ୍ୟରେ ପ୍ରଚଣ୍ଡ ଖରାର ତାତି ଓ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବାବେଳେ ସମଗ୍ର ଚିଲିକା ନିର୍ବାଚନମଣ୍ଡଳୀ ତଥା ବାଲୁଗାଁ ବାଣପୁର ଅଞ୍ଚଳରେ ଲୋକେ ଡହଳବିକଳ ହୋଇ ଗରମରେ ସିଝୁଛନ୍ତି। ଏପରି ସ୍ଥଳେ ସମଗ୍ର ବାଲୁଗାଁ ବାଣପୁର ଅଞ୍ଚଳରେ ଦୈନନ୍ଦିନ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲ୍‌ଟେଜ୍ ଲୋକଙ୍କ ପାଇଁ ବେଢ଼ି ଉପରେ କୋରଡ଼ାମାଡ଼ ସଦୃଶ ହୋଇ ପଡ଼ିଥିବାରୁ ସମଗ୍ର ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

### ● କୁହୁଡ଼ି ଚତୁର୍ଥ ରଜ ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

# ପାରମ୍ପରିକ ଖେଳ, ସ୍ୱାସ୍ଥ୍ୟ ଶିବିର, ନାଟକ ପ୍ରତିଯୋଗିତା

**ଟାଙ୍ଗୀ,୧୨।୬(ସମିସ):** ଓଡ଼ିଶାର ଗଣପର୍ବ ଭାବରେ ରଜ ପର୍ବକୁ ଗାଁଠାରୁ ସହର ସହୁଠି ସରସ ସୁନ୍ଦର ଭାବରେ ପାଳିତ ହୁଏ। ଏହି ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ୪ବର୍ଷ ଧରି କୁହୁଡ଼ି ଗଡ଼ରେ ପାଳିତ ହୋଇଆସୁଛି ରଜ ମହୋତ୍ସବ। ଅନୁରୂପ ଭାବେ ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଧୂମ୍‌ଧାମ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ କୁହୁଡ଼ି ଗ୍ରାମ ପଞ୍ଚାୟତ ସମ୍ମୁଖରେ ଥିବା ରଜପଡ଼ିଆଠାରେ ମା' ବ୍ୟାଘ୍ର ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଚତୁର୍ଥ ରଜ ମହୋତ୍ସବ ପାଇଁ ଗୁରୁବାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କୁହୁଡ଼ି, ରତନପୁର ପଞ୍ଚାୟତର ମହିଳା ମହାସଂଘ ପ୍ରତିନିଧି ଓ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ପ୍ରଥମ ଦିବସରେ ମହିଳାମାନେ ଯୋଗଦେଇ ପାରମ୍ପରିକ ପୁଚି ଖେଳ, ଝୋଟି, ଦଉଡ଼ି ଡିଆଁ, ମ୍ୟୁଜିକ୍ ଚେୟାର, ମେହେନ୍ଦି ଏବଂ ଦୋଳି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ତୃତୀୟ ଦିବସରେ ରକ୍ତଦାନ ଶିବିର ସହିତ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଶିତ ପାଇଁ ଗୋଟିପୁଅ, ଛଉନୃତ୍ୟ, ସଙ୍ଗୀତ, ପାଲା ଆଦିବାସୀ ନୃତ୍ୟ, ସମ୍ବଲପୁରୀ, ଘୋଡ଼ା ନାଚ, ଓଡ଼ିଶୀ ଏବଂ ପାଇକ ଆଖଡ଼ା ସମେତ ଅନେକ ନୃତ୍ୟ ପରିବେଷଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ରଜ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଅନୁଷ୍ଠାନର ସମ୍ପାଦକ ଶ୍ରୀମନ୍ତ ମହାପାତ୍ର ଓ ସଭାପତି ପ୍ରିୟମ୍ବଦା ବେହେରା ଅନୁରୋଧ କରିଛନ୍ତି।

## ଶ୍ରୀଚୈତନ୍ୟ ବିହାରରେ ସ୍ନାନ ପୂର୍ଣ୍ଣିମା ଓ ଗ୍ରନ୍ଥ ଲୋକାର୍ପଣ

**ଖୋର୍ଦ୍ଧା,୧୨।୬(ସମିସ):** ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ଶ୍ରୀଚୈତନ୍ୟ ବିହାରରେ ଶ୍ରୀସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସୁବସିତ ଜଳରେ



ଶ୍ରୀଜଗନ୍ନାଥଙ୍କୁ ସ୍ନାନ କରାଯାଇ ସାଲବେଗଙ୍କ ବିରଚିତ ସ୍ନାନ ପୂର୍ଣ୍ଣିମା କୀର୍ତ୍ତନ ଅନୁଷ୍ଠିତ ହୁଏ। ପଣ୍ଡିତ ଗୋପବନ୍ଧୁ ପଣ୍ଡା ଓ ଜାନକୀ ବଲ୍ଲଭ ପଟ୍ଟନାୟକ ଆଲୋଚନାରେ ଅଂଶ ଗ୍ରହଣ କରି କୁହନ୍ତି ଯେ ଜ୍ୟେଷ୍ଠ ସ୍ନାନ ପୂର୍ଣ୍ଣିମା ଶ୍ରୀଜଗନ୍ନାଥଙ୍କ ଜନ୍ମ ଦିନ ଅନେକ ଜାଣନ୍ତି ନାହିଁ। ଆଲୋଚନାଚକ୍ର ପରେ ଓଡ଼ିଆ ଭାଗବତ ରଚୟିତା ମହାତ୍ମା ଜଗନ୍ନାଥ ଦାସଙ୍କ ସଂକ୍ଷିପ୍ତ ଜୀବନାଲେଖ୍ୟ ଥିବା ଏକ ପୁସ୍ତକ ଲୋକାର୍ପଣ ହୋଇଥିଲା। ଏଥିରେ ବୋଧାୟନ୍ ମହାରାଜ, ବ୍ରଜ ବାବା, ଯୁଧିଷ୍ଠିର ଛୁଆଳ ସିଂହ, ଜଗଦୀଶ ପ୍ରସାଦ ପଟ୍ଟନାୟକ ଜାନକୀ, ଯୋଗେଶ୍ୱର ସିଂହ, ଅଧ୍ୟାପକ ହେମନ୍ତ କୁମାର ଦାସ, ଶିଶିର ରାଉତ, ବିଷ୍ଣୁପ୍ରିୟା ସାହୁ, ବନ୍ଦନା ପଟ୍ଟନାୟକ, ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

### ● ସରକାରୀ ବିଦ୍ୟାଳୟରେ ମିଳୁନି ଗୁଣାତ୍ମକ ଶିକ୍ଷା

# ଅର୍ଥ ଲୋଭରେ କୋଚିଂ ସେଣ୍ଟରମୁହାଁ ସରକାରୀ ଶିକ୍ଷକ

**ବାଲୁଗାଁ,୧୨।୬(ସମିସ):** କେନ୍ଦ୍ର ତଥା ରାଜ୍ୟ ସରକାର ଶିକ୍ଷାକୁ ପ୍ରାଥମିକତା ଦେଉଥିବାବେଳେ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ଲାଗି ସରକାର ବିଭିନ୍ନ ଯୋଜନାମାନ କରି ବିପୁଳ ଅର୍ଥ ବିନିଯୋଗ କରୁଛନ୍ତି। ହେଲେ ଏହାର ସଫଳ ରୂପାୟଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ସରକାରୀ ବିଦ୍ୟାଳୟରେ ସଠିକ୍ ଭାବେ ଶିକ୍ଷାଦାନ ହେଉ ନ ଥିବାରୁ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ବେସରକାରୀ ବିଦ୍ୟାଳୟ ଓ କୋଚିଂ ସେଣ୍ଟରମୁହାଁ ହେଉଛନ୍ତି। ଏଭଳି ପରିସ୍ଥିତିରେ ବାଲୁଗାଁ, ବାଣପୁର ଅଞ୍ଚଳରେ ଛତୁ ଫୁଟିଲା ଭଳି କୋଚିଂ ସେଣ୍ଟରମାନ ଖେଲିଥିବାବେଳେ ଏହି କୋଚିଂ ସେଣ୍ଟରରେ ଅନେକ ସରକାରୀ ବିଦ୍ୟାଳୟର ଶିକ୍ଷକ ଅର୍ଥ ଲୋଭର ବଶବର୍ତ୍ତୀ ହୋଇ ଶିକ୍ଷାଦାନ କରୁଥିବା ଜଣାପଡ଼ିଛି। ଫଳରେ ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି।

ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରିବା ସାଙ୍ଗକୁ ଛାତ୍ରଛାତ୍ରୀମାନଙ୍କୁ ସରକାରୀ ବିଦ୍ୟାଳୟମୁହାଁ କରିବା ପାଇଁ ଉନ୍ନତମାନର ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ମୂଳ ଲକ୍ଷ୍ୟ ହୋଇଥିବାବେଳେ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ସରକାରୀ ବିଦ୍ୟାଳୟମାନଙ୍କରେ ଏହାର ସଫଳ ରୂପାୟଣ ହୋଇପାରୁ ନ ଥିବା ଜଣାପଡ଼ିଛି। ସରକାରୀ ନିୟମର ଖୋଲାଖୋଲି ଭାବେ ଉଲ୍ଲଂଘନ କରି ବାଲୁଗାଁ ବାଣପୁର ଅଞ୍ଚଳର ଅନେକ ସରକାରୀ ସ୍କୁଲ, କଲେଜର ଅଧ୍ୟାପକ ତଥା ଶିକ୍ଷକଶିକ୍ଷୟିତ୍ରୀ ଅଧିକ ଅର୍ଥ ରୋଜଗାର ଆଶାରେ ଟ୍ୟୁସନ, କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ ଆଦିରେ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟରେ ସଠିକ୍ ଶିକ୍ଷାଦାନ ନ କରି ଟ୍ୟୁସନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ଶିକ୍ଷକ। କିଛି ଅର୍ଥଲୋଭି ଶିକ୍ଷକ ଛାତ୍ରଛାତ୍ରୀମାନେ ଭଲ ଫଳାଫଳ କରିବା ପାଇଁ କୋଚିଂ ସେଣ୍ଟରରେ ଯୋଗଦେବାକୁ ସେମାନଙ୍କୁ ପ୍ରଲୋଭିତ କରୁଥିବା ଜଣାଯାଇଛି। ଅନ୍ୟପକ୍ଷରେ ବର୍ଷକୁ ବର୍ଷ ସରକାରୀ ବିଦ୍ୟାଳୟମାନଙ୍କରେ ମାଟ୍ରିକ୍ ପରୀକ୍ଷା ଫଳ ଆଶାନୁରୂପକ ହେଉ ନ ଥିବା ସ୍ଥଳେ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ସେପରି ଭିତ୍ତିଭୂମି ନ ଥାଇ ମଧ ବହୁତ ଭଲ ଫଳାଫଳ ହେଉଥିବା ଗତ କିଛି ବର୍ଷର ମାଟ୍ରିକ୍ ରେଜଲ୍ଟରୁ ଜଣାପଡ଼ିଛି।

ଦଶମ ତଥା ଦ୍ୱାଦଶରେ ୬୦୦ ନମ୍ବର ପରୀକ୍ଷା ହେଉଥିବାବେଳେ ସେଥିରୁ ପ୍ରତି ବିଷୟରେ ୨୦ ନମ୍ବର ଲେଖାଏଁ ବିଦ୍ୟାଳୟସ୍ତରରେ ଆସେସ୍‌ମେଣ୍ଟ ପରୀକ୍ଷା ମାଧ୍ୟମରେ କରାଯାଉଥିବା ସ୍ଥଳେ ୬ଟି ବିଷୟରେ ମୋଟ ୧୨୦ ନମ୍ବର ପରୀକ୍ଷା କରାଯାଉଛି। ଉକ୍ତ ପରୀକ୍ଷାରେ ନମ୍ବର ଦେବା ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ପାଖରେ ଛାତ୍ରଛାତ୍ରୀମାନେ ଟ୍ୟୁସନ କରିବାକୁ ପ୍ରଲୋଭିତ କରୁଥିବାବେଳେ ଏଥିରେ ଭଲ ନମ୍ବର ପାଇବା ଆଶାରେ ଛାତ୍ରଛାତ୍ରୀମାନେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଖକୁ ଟ୍ୟୁସନ କରିବାକୁ ଯାଉଥିବା ଦେଖିବାକୁ ମିଳୁଛି। ସରକାରୀ ନିୟମ ଅନୁଯାୟୀ, କୌଣସି ସରକାରୀ ଶିକ୍ଷକ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ଅର୍ଥ ରୋଜଗାର ଉଦ୍ଦେଶ୍ୟରେ ଜଡ଼ିତ ରହିପାରିବେ ନାହିଁ। କେବଳ ସରକାରଙ୍କ ତରଫରୁ ଦାୟିତ୍ୱ ଦିଆଯାଉଥିବା ଜନଗଣନା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ବଣ୍ଟନ ଏବଂ ନିର୍ବାଚନ ଆଦି କାର୍ଯ୍ୟରେ ନିୟୋଜିତ ହୋଇପାରିବେ। ମାତ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମା ବାଲୁଗାଁ ବାଣପୁର ଅଞ୍ଚଳର ଶିକ୍ଷକଙ୍କ ନିକଟରେ କାର୍ଯ୍ୟକାରୀ ନ ହୋଇ ଖୋଲାଖୋଲି ଉଲ୍ଲଂଘନ ହେଉଥିବାରୁ ଏନେଇ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। କେତେକ ସରକାରୀ ଶିକ୍ଷକ ଟ୍ୟୁସନ ବ୍ୟବସାୟକୁ ଗୋପନୀୟ ରଖିବା ପାଇଁ ପିଲାଙ୍କୁ ନିରୋଳା ସ୍ଥାନରେ ପଢ଼ାଉଥିବା ଜଣାପଡ଼ିଛି। ବାଲୁଗାଁ, ବାଣପୁର, ଗମ୍ଭାରିମୁଣ୍ଡା, ବଡ଼କୁଳ, ନାଟୁଣୀ ଆଦି ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିବା ଭଳି କୋଚିଂ ସେଣ୍ଟର ଓ ଟ୍ୟୁଟୋରିଆଲ ସହ ଘରୋଇ ଟ୍ୟୁସନ ଆଦି ଖୁଲମ୍‌ଖୁଲା ଚାଲିଛି। ସରକାରଙ୍କଠାରୁ ବେତନ ପାଇ ଶିକ୍ଷକମାନେ ବିଦ୍ୟାଳୟରେ ଉଚିତ୍ ଶିକ୍ଷା ପ୍ରଦାନ ନ କରି କୋଚିଂ ସେଣ୍ଟରକୁ ଅର୍ଥ ରୋଜଗାରର ମାଧ୍ୟମ ଭାବେ ନେଇଛନ୍ତି। ଏଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ



**ଖୋର୍ଦ୍ଧା,୧୨।୬(ସମିସ):** ସ୍ଥାନୀୟ ହାବେଳି ପଡ଼ିଆଠାରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ବିକାଶ ମେଳା-୨୦୨୫ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ପ୍ରଦୀପ ବଳସାମନ୍ତ ମେଳାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା, ସେବା, ସୁଶାସନ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାକୁ ପ୍ରଗତି ପଥରେ ରାଜ୍ୟବାସୀଙ୍କ ସହଯୋଗ, ସହଭାଗିତା ଜରୁରୀ ବୋଲି କହିଥିଲେ। ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଆମ ସରକାର ଦୃଢ଼ ସଂକଳ୍ପ ନେଇଛନ୍ତି।

ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଲେ ଯେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବର୍ଷେ ଏକ ଉପଲବ୍ଧି ଅନେକ ରହିଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ବିକଶିତ ଓଡ଼ିଶା ବିକଶିତ ଖୋର୍ଦ୍ଧା ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଚଞ୍ଚଳ ରାଣା ସ୍ୱାଗତ ଭାଷଣ ଦେଇ ଏହି ମେଳା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କହିଥିଲେ। ସପ୍ତାହ ଦରି ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ଆୟୋଜନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟମଣ୍ଡିତ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ଦେଇଥିଲେ।

### ଲଗାଣ ବର୍ଷା; ନିର୍ମାଣାଧୀନ ବଡ଼ ଶଙ୍ଖ ଆପ୍ରୋଚ୍ ରୋଡ୍ ବିପଦସଂକୁଳ

# ଟାଙ୍ଗୀ-କାଳୁପଡ଼ାଘାଟ ରାସ୍ତାରେ ଭାରୀଯାନ ମନା

**ଟାଙ୍ଗୀ,୧୨।୬(ସମିସ):** ଟାଙ୍ଗୀ ପୂର୍ତ୍ତ ବିଭାଗ ଅଧୀନସ୍ଥ ଟାଙ୍ଗୀ କାଳୁପଡ଼ାଘାଟ ବଡ଼ ଶଙ୍ଖ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁଁ ଯାତାୟାତ ପାଇଁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ରାସ୍ତା ବର୍ଷାଜଳ ପ୍ରବେଶ ଯୋଗୁଁ ବିପଜ୍ଜନକ ପରିସ୍ଥିତି ଦେଖାଯାଇଛି। ଏହି ଅସ୍ଥାୟୀ ରାସ୍ତାରେ ଯାତାୟାତ ନେଇ ବିପଦ ଆଶଙ୍କା ଥିବାରୁ ଭାରୀଯାନ ଯାତାୟାତରେ ରୋକ୍ ଲାଗିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବହୁ ଅଭିଯୋଗ ପରେ ଟାଙ୍ଗୀ-କାଳୁପଡ଼ା ରାସ୍ତା ସମ୍ପ୍ରସାରଣ ସହ ବଡ଼ ଶଙ୍ଖ ନବୀକରଣ ପାଇଁ ବ୍ୟୟ ମଞ୍ଜୁରୀ ପରେ ଠିକାଦାରଙ୍କୁ ମଧ କାର୍ଯ୍ୟାଦେଶ ପ୍ରଦାନ କରାଗଲା। ତେବେ ଠିକାଦାରଙ୍କ କାର୍ଯ୍ୟରେ ମନ୍ଥରଗତି ଯୋଗୁଁ ହେଉ ଅବା ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁଁ



ଆସୁଥିବା ଲଗାଣ ବର୍ଷା ମୌସୁମୀ ବର୍ଷା ଯୋଗୁଁ ଟାଙ୍ଗୀ-କାଳୁପଡ଼ା ପୂର୍ତ୍ତ ବିଭାଗ ରାସ୍ତା ବାହ୍ୟ ଜଗତରୁ ବିଛିନ୍ନ ହେବା ନେଇ ଆଶଙ୍କା ସ୍ପଷ୍ଟ ହୋଇଛି। ବୁଧବାରଠାରୁ ବର୍ଷା ଲାଗି ରହିବା ଫଳରେ ବାଡ଼ ପାଶ୍ୱର୍ରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ରାସ୍ତା ଉପରେ ପାଣି ଚାଲିବା ଯୋଗୁଁ ରାସ୍ତା ଭାସିଯିବା ଆଶଙ୍କାରେ ରାସ୍ତାରେ ଅଧିକ ମାଟି ପକାଇ ଉଚ୍ଚା କରାଯିବା ସହ ଆଉ ଗୋଟିଏ ହୋମ୍ ପାଇପ୍ ପକାଯାଇଛି। ଫଳରେ ଦୁଇ ହୋମ୍ ପାଇପ୍ ଦେଇ ମଙ୍ଗଳଯୁତ ଧାର ଜଳ ନିଷ୍କାସନ ହେଉଥିବାବେଳେ ପାଣି ସ୍ରୋତ ବଢ଼ୁଥିବା ଜଣାପଡ଼ିଛି। ପାଣିପାଗ ସୂଚନା ଅନୁସାରେ, ୫ଦିନ ପର୍ଯ୍ୟନ୍ତ ଲଗାଣ ବର୍ଷା ଜାରି ରହିଲେ ଏହି ଅସ୍ଥାୟୀ ରାସ୍ତା ଭାସିଯିବା ଯଥେଷ୍ଟ ଆଶଙ୍କା ଥିବା ଜଣାପଡ଼ିଛି। ବୁଧବାର ଏହି ରାସ୍ତାରେ ପାଣି ସ୍ରୋତ ଅଧିକ ଭାଙ୍ଗିଯିବା ଆଶଙ୍କାରୁ ଲୋକେ ପ୍ରାୟ ୮ କିଲୋମିଟର ବୁଲାଣି ରାସ୍ତା ଦେଇ ଯାତାୟାତ କରିଥିବାବେଳେ ଏହି ରାସ୍ତାରେ ଭାରୀଯାନ ଯିବା ବାରଣ କରାଯାଇଛି। ଫଳରେ ରାସ୍ତା ପାଶ୍ୱର୍ରେ ଭାରୀଯାନ ଅଟକି ରହିଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ବିଭାଗୀୟ କୌଣସି ଅଧିକାରୀ କିମ୍ବା ଠିକାଦାର ନ ଥିବା ଦେଖିବାକୁ ମିଳିଛି। ଖୋଦ୍ ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ପୂର୍ତ୍ତ ବିଭାଗୀୟ ମନ୍ତ୍ରୀ ଥିଲେ ମଧ ନିଜ ନିର୍ବାଚନମଣ୍ଡଳୀର ଏହି ଅତ୍ୟନ୍ତ ସମ୍ବେଦନଶୀଳ ମୁଖ୍ୟ ରାସ୍ତା ପ୍ରତି ଦୃଷ୍ଟି ନ ଥିବା ସାଧାରଣରେ ସମାଲୋଚନା କରାଯାଇଛି।

ଟାଙ୍ଗୀ-କାଳୁପଡ଼ାଘାଟ ପୂର୍ତ୍ତ ବିଭାଗ ରାସ୍ତା ଦେଇ ପ୍ରତିଦିନ ଚିଲିକା ବ୍ଲକ୍ ଅଧୀନସ୍ଥ ଜରିପଡ଼ା, କଳକଳେଶ୍ୱର ପଞ୍ଚାୟତ, କାଳୁପଡ଼ା ପେଣ୍ଠକୁ ଶତାଧିକ ମାଛ ବେପାରୀ, ବିଭିନ୍ନ ରାଜ୍ୟ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରକୁ ମାଛ ରପ୍ତାନୀ ସହ ଶହ ଶହ ଛୋଟ ବଡ଼ ଗାଡ଼ି ମୋଟର ଏପରିକି ପ୍ରତିଦିନ ସହସ୍ରାଧିକ ରେଳଯାତ୍ରୀଙ୍କ ରେଳ ଷ୍ଟେସନ କାଳୁପଡ଼ାକୁ ଯିବା ପାଇଁ ଏକମାତ୍ର ରାସ୍ତା।

## ବିପଦକୁ ଡାକୁଛି ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର



**ବେଗୁନିଆ,୧୨।୬(ସମିସ):** ବେଗୁନିଆ ବ୍ଲକ୍‌ର ୨୧ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ସରବରାହକୁ ନିୟନ୍ତ୍ରଣ ଭିତରେ ରଖିବା ପାଇଁ ଟ୍ରାନ୍ସଫର୍ମର ଲଗାଯାଇଛି। ଏହି ଟ୍ରାନ୍ସଫର୍ମର ସ୍ଥାପନ ହୋଇଥିବା କେତେକ ଜାଗାରେ ମୁକୁଳା ଭାବେ ରହିଥିବାରୁ ଜନସାଧାରଣ, ଶିଶୁ ଓ ବୁଲା ପଶୁମାନଙ୍କ ପ୍ରତି ବିପଦକୁ ଜାଣିଶୁଣି ଡାକି ଆଣିବାର ଏକ ମାଧ୍ୟମ ପାଲଟିଛି। ଏପରିକି କେତେକ ସ୍ଥାନରେ ଗୁଳ୍ମଲତା ଓ ଛୋଟ ଛୋଟ ଗଛ ଉଠି ଖୁଣ୍ଟ ସଂସ୍ପର୍ଶରେ ଆସି ବିଦ୍ୟୁତ୍ ଆଘାତ ଲାଗିବାର ଯଥେଷ୍ଟ ଆଶଙ୍କା ରହିଛି। ଏଥିରେ ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁଁ ସାଧାରଣରେ ଅସନ୍ତୋଷ ଦିନକୁ ଦିନ ବ୍ୟାପିବାରେ ଲାଗି ରହିଛି। ତୁରନ୍ତ ଏହି ଘଟଣାକୁ ସମାଧାନ କରିବା ପାଇଁ ସଚେତନ ନାଗରିକବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦାବି କରିଛନ୍ତି।

